Bhubaneswar, Monday, August 24, 2026
ଭୁବନେଶ୍ୱର,ସୋମବାର,ଅଗଷ୍ଟ ୨୪, ୨୦୨୬
Vol-01, Issue-116
ବର୍ଷ-୦୧, ସଂଖ୍ୟା -୧୧୬

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ସିଲିକନ ୟୁନିଭର୍ସିଟିର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଲେ ରାଜ୍ୟପାଳ

## ସ୍ନାତକମାନଙ୍କୁ ଧାରଣାକୁ ଉଦ୍ୟୋଗରେ ପରିଣତ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ




ଭୁବନେଶ୍ୱର, ୨୩/୮: ନିଜ ଧାରଣା ଓ ଜ୍ଞାନକୁ ଉଦ୍ୟୋଗରେ ପରିଣତ କରି ସମାଜର ବାସ୍ତବ ସମସ୍ୟାର ସମାଧାନ କରିବାକୁ ସିଲିକନ୍ ୟୁନିଭର୍ସିଟିର ସ୍ନାତକମାନଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।

ଶନିବାର ଦିନ ଭୁବନେଶ୍ୱରସ୍ଥିତ ସିଲିକନ ୟୁନିଭର୍ସିଟିର ତୃତୀୟ ସମାବର୍ତ୍ତନ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।

ଏହି ସମାରୋହରେ ଉଦବୋଧନ ଦେଇ ସ୍ନାତକମାନଙ୍କୁ ବିକାଶଶୀଳ ପ୍ରଯୁକ୍ତିକୁ ଉପଯୋଗ କରି ସ୍ୱଚ୍ଛ ଶକ୍ତି ଓ ପରିବେଶ କ୍ଷେତ୍ରରେ ଜୀବିକା, ଗବେଷଣା ଓ ଉଦ୍ୟୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ପୁଣି କହିଥିଲେ ଯେ ଶକ୍ତି ସଂରକ୍ଷଣ, ସ୍ମାର୍ଟ ଗ୍ରିଡ୍, ଗ୍ରୀନ୍ ହାଇଡ୍ରୋଜେନ୍, ଇଲେକ୍ଟ୍ରିକ୍ ଗତିଶୀଳତା, ଶକ୍ତି ଦକ୍ଷତା ଓ ସ୍ଥାୟୀ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଯୁବ ବୃତ୍ତିଧାରୀଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରିଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ଅବକ୍ଷୟ ଓ ବର୍ଦ୍ଧିତ ଶକ୍ତି ଚାହିଦା ମଧ୍ୟରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ବୃଦ୍ଧି ପାଇଥିବା କଥା ରାଜ୍ୟପାଳ ଉଲ୍ଲେଖ କରିବା ସହିତ ପଶ୍ଚିମ ଏସିଆର ଅସ୍ଥିରତା ଶକ୍ତି ସୁରକ୍ଷା, ଆର୍ଥିକ ସ୍ଥିରତା ଓ ବିଶ୍ୱ ଶାନ୍ତି ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ଉଜାଗର କରିଥିବା କଥା ମଧ୍ୟ କହିଥିଲେ ।

ରାଜ୍ୟପାଳ କହିଥିଲେ ଯେ ଭାରତ ଧୀରେ ଧୀରେ ସ୍ୱଚ୍ଛ ଶକ୍ତି ଉତ୍ସ ଆଡ଼କୁ ଆଗେଇ ଚାଲିଛି । ସୌର ଶକ୍ତି, ପବନ, ଜଳବିଦ୍ୟୁତ୍, ଜୈବ ଶକ୍ତି, ଭୂତାପ ଓ ସମୁଦ୍ର ଶକ୍ତି ଏକବିଂଶ ଶତାବ୍ଦୀକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଛାତ୍ରଛାତ୍ରୀମାନଙ୍କୁ ଦ୍ରୁତ ପ୍ରାଯୁକ୍ତିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ରାଜ୍ୟପାଳ କହିବା ସହିତ କୃତ୍ରିମ ବୁଦ୍ଧିମତ୍ତା, ମେସିନ୍ ଲର୍ଣ୍ଣିଙ୍ଗ, ସେମିକଣ୍ଡକ୍ଟର, ସାଇବର ସୁରକ୍ଷା, ରୋବୋଟିକ୍ସ, ଉନ୍ନତ ଇଲେକ୍ଟ୍ରୋନିକ୍ସ, ଡାଟା ସାଇନ୍ସ ଓ ଡିଜିଟାଲ୍ ସ୍ୱାସ୍ଥ୍ୟସେବା ନୂତନ ସୀମା ଖୋଲିଛି ବୋଲି ସୂଚାଇ ଦେଇଥିଲେ । ନିରନ୍ତର ଶିକ୍ଷା, ଉଦ୍ଭାବନ ଓ ବିଭିନ୍ନ ବିଷୟରେ କାମ କରିବାର କ୍ଷମତା ଆଗାମୀ ଦିନର ନେତୃତ୍ୱମାନଙ୍କୁ ଗଢ଼ିବ ବୋଲି ମଧ୍ୟ କହିଥିଲେ ।

କେବଳ ପରିବର୍ତ୍ତନକୁ ଖାପ ଖୁଆଇବା ନୁହଁ ବରଂ କୌତୂହଳ ସହିତ ଏହାକୁ ଗ୍ରହଣ କରିବା, ଉଦ୍ଭାବନ ସହିତ ଏହାକୁ ଆକାର ଦେବା ଏବଂ ବିଜ୍ଞତା ସହିତ ଏହାକୁ ବ୍ୟବହାର କରିବା ପାଇଁ ରାଜ୍ୟପାଳ ସ୍ନାତକମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ସ୍ନାତକମାନଙ୍କୁ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ପ୍ରଯୁକ୍ତି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସମାବର୍ତ୍ତନ ଉତ୍ସବକୁ ସଫଳତାରୁ ଦାୟିତ୍ୱ ଆଡ଼କୁ ଏକ ପରିବର୍ତ୍ତନ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଡିଗ୍ରୀ କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ଜ୍ଞାନକୁ ବିଜ୍ଞତାର ସହିତ ବ୍ୟବହାର କରି ସମାଜର ସେବା କରିବାର ଏକ ସ୍ମାରକ । କେବଳ ପ୍ରଯୁକ୍ତି ମାନବ ଉନ୍ନତିକୁ ନିଶ୍ଚିତ କରିପାରିବ ନାହିଁ, ଏହା ସହିତ ସତ୍ୟନିଷ୍ଠା, ବିନମ୍ରତା ଓ ଦାୟିତ୍ୱ ରହିବା ଆବଶ୍ୟକ ବୋଲି ରାଜ୍ୟପାଳ ଅବତାରଣା କହିଥିଲେ ।

ସ୍ନାତକ, ସେମାନଙ୍କ ପରିବାର, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସିଲିକନ୍ ୟୁନିଭର୍ସିଟି ଏକାଡେମିକ୍ ଉତ୍କର୍ଷ, ଉଦ୍ଭାବନ ଓ ପ୍ରାଯୁକ୍ତିକ ଅଗ୍ରଗତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ୨୦୨୬-୨୮ ପାଇଁ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ସଂଗଠନ (ଏସଆଇଆରଓ) ଭାବେ ଏହାର ମାନ୍ୟତା ଏବଂ ଏନଆଇଆରଏଫ ଇଞ୍ଜିନିୟରିଂ ରାଙ୍କିଙ୍ଗରେ ସ୍ଥାନ ପାଇବା ଏହାର ବଢ଼ୁଥିବା ଗବେଷଣା ସଂସ୍କୃତିର ପ୍ରମାଣ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ । ବିଶ୍ୱବିଦ୍ୟାଳୟ ଆହୁରି ଅଧିକ ଏକାଡେମିକ ଓ ଗବେଷଣା କ୍ଷେତ୍ର ବିସ୍ତାର କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ ।

### କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଲେ ସାଂସଦ

## ଏନ୍‌ଏଚ୍-୫୫ ରାସ୍ତାର ତୁରନ୍ତ ମରାମତି ପାଇଁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର/ସମ୍ବଲପୁର, ୨୩/୮ ::ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତାପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି ।

ସାଂସଦ ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡୁଥିବା ଏନଏଚ୍- ୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା । ମାତ୍ର ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡ଼ିର ଯାତାୟତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କିଛି ଜାଗାରେ ରାସ୍ତା ନଷ୍ଟ ହୋଇଯାଇଛି । ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି । ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ବର୍ତ୍ତମାନ ମୌସୁମୀ ଫଳରେ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି । ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି । ରାସ୍ତାର ଦୂରାବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି । ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ ।

ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି । ଏହି ପଦକ୍ଷେପ ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି ।

## ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହେଲେ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ



ଭୁବନେଶ୍ୱର, ୨୩/୮: ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଆଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପଦରାଜ ଉମାକାନ୍ତ ନାୟକ ୨୦୨୬ ମସିହାର ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ନାୟକ ୨୦୦୪ ମସିହା ଫେବୃଆରୀ ୨୦ ତାରିଖରେ ବାରମୁଣ୍ଡଳୀସ୍ଥିତ ମରୀଚ୍‌ପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଜର ଶିକ୍ଷାଦାନ ଜୀବନ ଆରମ୍ଭ କରିଥିଲେ । ଅଭିଜ୍ଞତା ଭିତ୍ତିକ ଓ ସୃଜନଶୀଳ ଶିକ୍ଷାଦାନ ମାଧ୍ୟମରେ ଶ୍ରେଣୀଗୃହ ଶିକ୍ଷାଦାନର ମାନ ବୃଦ୍ଧି କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ୨ ଟି ଅନ୍ତର୍ଜାତୀୟ ଓ ୪ ଟି ଜାତୀୟ ସମ୍ମିଳନୀରେ ଶିକ୍ଷାଦାନ ପଦ୍ଧତି ସମ୍ପର୍କିତ ଗବେଷଣା ପତ୍ର ଉପସ୍ଥାପନ କରିଛନ୍ତି ।

ରାଜ୍ୟ ବୋର୍ଡ ବିଜ୍ଞାନ ପାଠ୍ୟପୁସ୍ତକକୁ ଆଧାର କରି ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜ୍ଞାନାଗାରରେ ପରୀକ୍ଷା' ପ୍ରକାଶିତ ହୋଇଛି । ଏହି ପୁସ୍ତକରେ ସ୍କୁଲ ଲାବ୍‌ରୋଟୋରୀ ଏବଂ ଘରେ ମିଳୁଥିବା ସହଜଲଭ୍ୟ ସାମଗ୍ରୀକୁ ବ୍ୟବହାର କରି ବିଜ୍ଞାନ ପରୀକ୍ଷଣ କରିବାର ସରଳ ଉପାୟ ରହିଛି, ଯାହା ଶିକ୍ଷାର୍ଥୀଙ୍କ ପାଇଁ ବିଜ୍ଞାନ ପାଠକୁ ଅଧିକ କାର୍ଯ୍ୟଭିତ୍ତିକ ଓ ଆନନ୍ଦଦାୟକ କରିପାରିଛି । ଏହା ବ୍ୟତୀତ ଶ୍ରୀ ନାୟକ ଏକାଧିକ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୟୁଟ୍ୟୁବ୍ ଲାଇଭ୍ କ୍ଲାସରେ ଶିକ୍ଷାଦାନ କରିଛନ୍ତି । ତାଙ୍କର ନୂତନ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଭିତ୍ତିକ ଶିକ୍ଷା, ଗବେଷଣା ଭିତ୍ତିକ ଶିକ୍ଷା, ହାତପାହାନ୍ତା କାର୍ଯ୍ୟକଳାପ, ନୃତ୍ୟ ମାଧ୍ୟମରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା, ଯୋଗ ମାଧ୍ୟମରେ ଶିକ୍ଷା, ଖେଳ ମାଧ୍ୟମରେ ଶିକ୍ଷା ଏବଂ କଳା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଅନ୍ତର୍ଭୁକ୍ତ । ଏହି ଆଭିମୁଖ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦଦାୟକ, ସକ୍ରିୟ ଏବଂ ଛାତ୍ରକୈନ୍ଦ୍ରିକ କରିପାରିଛି ।

ଭୌତିକ ବିଜ୍ଞାନ ଓ ଗଣିତର ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରି ସେ ଶିକ୍ଷକମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ସହ ବିଜ୍ଞାନ ଓ ଗଣିତ ଶିକ୍ଷାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଛନ୍ତି

## ଭଦ୍ରକରେ ବନ୍ୟା ପ୍ରସ୍ତୁତି ଓ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ

ଭଦ୍ରକ, ୨୩/୮: ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଆଜି ଭଦ୍ରକରେ ଆୟୋଜିତ ଉଚ୍ଚସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଜିଲ୍ଲାରେ ଜାରି ରହିଥିବା ବନ୍ୟା ପରିସ୍ଥିତି ସହିତ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି, ତତ୍ପରତା ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ର ନାଥ ମିଶ୍ରଙ୍କ ସମେତ ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗ୍ରହଣ କରାଯାଇଥିବା ବିସ୍ତୃତ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ । ଏଥିମଧ୍ୟରେ ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୯୪୩୯୯୯୪୪୫୯, ଜିଲ୍ଲା ମନିଟରିଂ ଟିମ୍ ଗଠନ, ସର୍ବାଧିକ ପ୍ରଭାବିତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ୧୬ଟି ମେଡିକାଲ ରିଲିଫ୍ ସେଣ୍ଟର (ଗଜଉ) ଖୋଲାଯିବା, ୮ଟି ରାପିଡ୍ ରେସ୍ପନ୍ସ ଟିମ୍ (ଜଜଞ୍ଜ) ଓ ୧୦ଟି ମୋବାଇଲ୍ ହେଲ୍ଥ ୟୁନିଟ୍ (ଗୠଟ) ନିୟୋଜନ ଏବଂ ନିରନ୍ତର ଘରକୁ ଘର ସ୍ୱାସ୍ଥ୍ୟ ସର୍ଭେଲାନ୍ସ ଅନ୍ତର୍ଭୁକ୍ତ ରହିଛି । ଆଜି ସୁଦ୍ଧା ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍—ବରପଦା, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡ଼ିର ୬୬ଟି ଗ୍ରାମପଞ୍ଚାୟତ ଅଧୀନ ୨୪୪ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଏଥିରେ ପ୍ରାୟ ୨,୯୯,୭୮୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି-ସ୍ନେକ୍ ଭେନମ୍ (ଇଝଠ), ବ୍ଲିଚିଂ ପାଉଡର, ହାଲାଜୋନ୍ ଟାବଲେଟ୍ ଓ ଙଜଝ ମହଜୁଦ ରଖି ଆବଶ୍ୟକ ସ୍ଥଳେ ଯୋଗାଇବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୧୬ଟି ସାପ କାମୁଡ଼ା ଘଟଣା ରିପୋର୍ଟ ହୋଇଥିବା ବେଳେ ସାପ କାମୁଡା ନିରୋଧକ ଔଷଧ ଦିଆଯାଇଛି । ୧୦୭ଟି ଝାଡ଼ାବାନ୍ତି (ADD) ମାମଲା ଚିହ୍ନଟ ହୋଇଥିବାବେଳେ ୧୨,୭୮୬ ଜଣଙ୍କୁ ସାମାନ୍ୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଛି । ଏଥିସହ ୫୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୨୧ଟି ପ୍ରସବ ସୁରକ୍ଷିତ ଭାବେ ସମ୍ପନ୍ନ ହୋଇଛି । ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସକ୍ରିୟ ରଖାଯାଇଛି । ଏପର୍ଯ୍ୟନ୍ତ ୨୧ଟି ରେକ୍ଟାଲ୍ ସ୍ୱାବ୍ ଓ ୬୫୭ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଛି ।

ବନ୍ୟା ପରିସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌ର ସକ୍ରିୟ, ସମନ୍ୱିତ ଓ ତ୍ୱରିତ ପଦକ୍ଷେପକୁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରଭାବିତ ଅଞ୍ଚଳରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ରଖିବା, ସଠିକ ସମୟରେ ଚିକିତ୍ସା ସହାୟତା ପହଞ୍ଚାଇବା ଏବଂ ରୋଗ ନିରୀକ୍ଷଣକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପ୍ରସଙ୍ଗ

## ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ କଂଗ୍ରେସ ଓ ବିଜେଡି ମିଳିମିଶି ନାଟକ କରୁଛନ୍ତି : ବିରଞ୍ଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୨୩/୮: ଓଡ଼ିଶାରେ କିଛି ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତିକ ଦଳର ନେତାମାନେ ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏମ୍‌ଏମ୍‌ଡିଆର୍ ୧୯୫୭ ମସିହାରୁ ଯାହା ଚାଲିଆସିଛି, ସେଥିରେ କିଛି ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ସଂସଦରେ ବିଲ୍ ଆଗତ କରାଯାଇଥିଲା, ଯାହା ଅଗଷ୍ଟ ୧୨ ଏବଂ ୧୩ ତାରିଖ ଦିନ ପ୍ରଥମେ ଲୋକସଭା ଏବଂ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟସଭାରେ ଗୃହିତ ହେଇସାରିଛି ଏବଂ ମହାମହିମ ରାଷ୍ଟ୍ରପତି ଦସ୍ତଖତ କରିବା ପରେ ବହୁଶୀଘ୍ର ତାହା ଆଇନ୍‌ରେ କାର୍ଯ୍ୟକାରୀ ହେବ । ଖଣି ହେଉଛି ଜାତୀୟ ସମ୍ପତି ଏହାର ସୁବିନିଯୋଗ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଲକ୍ଷ୍ୟ ରଖିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ । ସେହି ବିକଶିତ ଭାରତରେ ଖଣିଜ ସମ୍ପଦର ସଦୁପଯୋଗ ସହ ଭାଲ୍ୟୁ ଆଡେଡ୍ କରିବା ପାଇଁ ଏହି ଚମତ୍କାର ଆଇନ୍ ଅଣାଯାଇଛି । ପୂର୍ବରୁ ଖଣି କର ବ୍ୟବସ୍ଥାରେ ଯେଉଁ ବ୍ୟବସ୍ଥା ଥିଲା ତାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏହି ଆଇନ ଅଣାଯାଇଛି । ଏହାଦ୍ୱାରା ଓଡ଼ିଶା ସମେତ ସମସ୍ତ ଖଣିଜ ସମ୍ପଦ ପୂର୍ଣ୍ଣ ରାଜ୍ୟ ଏବଂ ସର୍ବୋପରି ଦେଶ ଲାଭବାନ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଂରଚି ନାରାୟଣ ତ୍ରିପାଠୀ କହିଛନ୍ତି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିରୋଧୀ ଓଡ଼ିଶାକୁ ମିଳୁଥିବା ଲାଭ ବିଷୟରେ ନକହି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଉଛନ୍ତି । ଜିଏସ୍‌ଟି ଲାଗୁ ସମୟରେ ମଧ୍ୟ ବିରୋଧୀ ଏହି ପ୍ରକାର ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ । ୨୦୧୬ ମସିହାରେ ଓଡ଼ିଶା ଟ୍ୟାକ୍ସ ଆକାରରେ ପାଖାପାଖି ୧୫,୦୦୦ କୋଟି ଟଙ୍କା ପାଉଥିଲାବେଳେ ଜିଏସ୍‌ଟି ଲାଗୁ କାରଣରୁ ଚଳିତ ବର୍ଷ ୬୦,୯୨୮ କୋଟି ଟଙ୍କା ପାଇଛନ୍ତି । ଏବେ ଏମ୍‌ଏମ୍‌ଡିଆର ଆଇନ୍‌ରେ ହୋଇଥିବା ସଂଶୋଧନ ଉପରେ ମଧ୍ୟ ସେଭଳି ଅପପ୍ରଚାର କରୁଛନ୍ତି । ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପୂର୍ବରୁ ଖଣି ଟିକସ ବାବଦରେ ଓଡ଼ିଶା ସରକାରଙ୍କୁ ପାଖାପାଖି ୫,୦୦୦ କୋଟି ଟଙ୍କା ମିଳୁଥିଲା । କିନ୍ତୁ ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ହେବା ପରେ ଖଣି ନିଲାମ ଏବଂ ଅନ୍ୟାନ୍ୟ ସୂତ୍ରରୁ ଓଡ଼ିଶା ସରକାର ପାଖାପାଖି ୧୦ ଗୁଣା ଅର୍ଥାତ୍ ୫୦,୦୦୦ କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଛନ୍ତି । ୨୦୧୪-୧୫ରେ ଯେତେବେଳେ ଏହି ଆଇନ୍‌ରେ ସଂଶୋଧନ ହୋଇଥିଲା, ସେତେବେଳେ ତତ୍କାଳୀନ ଓଡ଼ିଶା ସରକାର ଏହାକୁ ଘୋର ବିରୋଧ କରିଥଲେ । ଓଡ଼ିଶାର କ୍ଷତି ହେଇଯିବ ବୋଲି ପ୍ରଚାର କରିଥିଲେ । କିନ୍ତୁ ଫଳ ଓଡ଼ିଶା ସପକ୍ଷରେ ଗଲା । ଯେବେଠାରୁ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଶର ଦାୟିତ୍ୱ ନେଇଛନ୍ତି, ସେବେଠାରୁ କୌଣସି ରାଜ୍ୟର କ୍ଷତି ହେବାକୁ ସେ ଦେଇନାହାନ୍ତି । ବିଶେଷ କରି ପୂର୍ବ ଭାରତ ଏବଂ ଓଡ଼ିଶା ତାଙ୍କ ସମୟରେ ଆର୍ଥିକ ଦୃଷ୍ଟିରୁ ଏବଂ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ସବୁଠାରୁ ଅଧିକ ଲାଭବାନ ହୋଇଛି ।

ଅପରପକ୍ଷେ ବିଜେଡି ସରକାର ଶାସନ ବ୍ୟବସ୍ଥାରେ ଥିଲାବେଳେ ଓଡ଼ିଶାରେ ସବୁଠାରୁ ମହାଦୁର୍ନୀତି ଖଣି ଦୁର୍ନୀତି ହେଇଥିଲା । ଏକଥା ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁର, ୨୦୧୭ ମସିହାରେ କେସ୍ ନଂ. ଡବଲ୍ୟୁପିସି ୧୧୪/ ୨୦୧୪, କମ୍ନ କଜ୍ ବନାମ୍ ଗର୍ଭରମେଂଟ ଅଫ୍ ଇଣ୍ଡିଆର ଶୁଣାଣି ବେଳେ କହିଥିଲେ । ଆଉ ଆଜି କ'ଣ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭଦ୍ରଲୋକି ଦେଖେଇ ହେଉଛନ୍ତି ଶାହା କମିଶନର ରିପୋର୍ଟ ଅନୁଯାୟୀ ଖଣି ଦୁର୍ନୀତି ଯୋଗୁ ଓଡ଼ିଶା ଯେଉଁ ବ୍ୟାପକ କ୍ଷତିଗ୍ରସ୍ତ ହେଲା ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱାଧୀନ ସରକାର କ'ଣ କରିଛନ୍ତି ତାର ଉତର ଦିଅନ୍ତୁ ।



ପୂର୍ବରୁ ବିଭିନ୍ନ ରାଜ୍ୟର ସରକାରମାନେ ଟିକସ ନାଁରେ ଅନେକ ପ୍ରକାର କର ଲଗାଉଥିଲେ । ଏହି କରରେ କୌଣସି ସମାନତା ନଥିଲା । ଦେଶରେ ଏହି କର ଉପରେ ଗୋଟିଏ ପ୍ରକାର ସମାନତା ଆଣିବା ପାଇଁ ମୋଦି ସରକାର ଏହି ଆଇନକୁ ସଂଶୋଧନ କରିଛନ୍ତି । ପୂର୍ବରୁ ରାଜ୍ୟମାନେ କର ବାବଦରେ ଯେଉଁ ପ୍ରକାର ସିଧାସଳଖ ୯୦ ପ୍ରତିଶତ ଖଣିଜ ସମ୍ପଦରୁ ପାଇପାରୁଥିଲେ, ଏବେ ମଧ୍ୟ ସେହି ପ୍ରକାର ପାଇପାରିବେ । ଅନ୍ୟାନ୍ୟ ହିସାବକୁ ଦେଖିଲେ ପାଖାପାଖି ୯୬ ପ୍ରତିଶତ ଅର୍ଥ ରାଜ୍ୟମାନେ ପାଇବେ । କେନ୍ଦ୍ର ମାତ୍ର ୪ ପ୍ରତିଶତ ଅର୍ଥ ଯାହା ଆଗରୁ ପାଉଥିଲା ସେଇ ପ୍ରତିଶତ ପାଇବ । ଏହି ଶୃଙ୍ଖଳିତ କର ବ୍ୟବସ୍ଥା ହେଲେ କିଛି ଲୋକଙ୍କର କାହିଁକି ଅସୁବିଧା ହେଉଛି ତାହା ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି ।

ଖଣିଜ ପଦାର୍ଥ ଥିବା ଜମିର ବାର୍ଷିକ ମୂଲ୍ୟ ଉପରେ ୨୦ ପ୍ରତିଶତ ଟିକସ ଆଦାୟ ପାଇଁ ତତ୍କାଳୀନ ବିଜେଡି ସରକାର ୨୦୦୪ ମସିହାରେ ଓରିସେଡ୍ ଆକ୍ଟ ଆଣିଥିଲେ, ୨୦୦୫ ଡିସେମ୍ବର ମାସ ୫ ତାରିଖରେ ଓଡ଼ିଶା ହାଇକୋର୍ଟ ତାକୁ ରଦ୍ଦ କରିଦେଲେ, ସେମାନେ ତା' ପରବର୍ତ୍ତୀ ଅବସ୍ଥାରେ ପାଖାପାଖି ୧୮ ବର୍ଷ ଧରି କ୍ଷମତାରେ ରହିଲେ ଏବଂ କେବଳ କେସ୍‌କୁ ଗଡ଼େଇ ଚାଲିଲେ ମାତ୍ର ଜିତିବାକୁ ଉଦ୍ୟମ କଲେ ନାହିଁ । ଆଜି ମଧ୍ୟ ସେହି କେସ୍ ଚାଲିଛି । ସେ ସମୟରେ କେନ୍ଦ୍ରରେ କଂଗ୍ରେସର ସରକାର ଥିଲା ଏବଂ କେନ୍ଦ୍ର ସରକାରଙ୍କ ଏକ ପିଏସ୍‌ୟୁ ଏହି କେସ୍ କରିଥିଲା । ଆଜି ସେଇ କଂଗ୍ରେସ ସହ ମିଶି ବିଜେଡି ଯେଉଁ ପ୍ରକାର ନାଟକ କରୁଛି, ଯାହାକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ ।

ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବରଂ ଲାଭ ହେବ । ଓଡ଼ିଶାରେ ନିବେଶ ଆସିବ । ଖଣିକୁ ଆୟୁଦ୍ଧ କରି ଗଢ଼ିଉଠୁଥିବା ବିଭିନ୍ନ ଶିଳ୍ପ ମଧ୍ୟ ଓଡ଼ିଶାରେ ବିକଶିତ ହେବ, ଯାହାର ଲାଭ ଓଡ଼ିଶାର ଯୁବକମାନେ ପାଇବେ ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ପ୍ରକାର କର ଆକାରରେ ଲାଭବାନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ ।

ସମ୍ପାଦକୀୟ

# ଏଲ-ନିନୋର ଚେତାବନୀ

ଦେଶରେ ପ୍ରଶାନ୍ତ ମହାସାଗରୀୟ ଜଳବାୟୁ ଏଲ-ନିନୋର ସମ୍ଭାବ୍ୟ ପ୍ରଭାବ ନେଇ ବିଭିନ୍ନ ପାଣିପାଗ ମଡେଲର ନିରାଶାଜନକ ଚର୍ଚ୍ଚା ଲାଗି ରହିଥିବା ବେଳେ ଗଲା ଜୁନ ମାସରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ ୩୯.୮ ପ୍ରତିଶତ କମ ଥିବାବେଳେ ଦେଶବ୍ୟାପୀ ହାରାହାରି ବର୍ଷା ୯୯.୫ ମିମି ଥିବା ରେକର୍ଡ ହୋଇଛି। ଯାହାକି ୨୦୧୪, ୨୦୦୯, ୧୯୨୬ ଓ ୧୯୦୫ ମସିହାରେ ଜୁନ ମାସରେ ପଂଚମ ରେକର୍ଡ ସର୍ବନିମ୍ନ ବର୍ଷା ବୋଲି କୁହାଯାଇଛି। ସେହିପରି ଗତ ୫ ତାରିଖ ସୁଦ୍ଧା (ଜୁନ୍ରୁ ସେପ୍ଟେମ୍ବର) ବର୍ଷା ଋତୁରେ ସାମୁହିକ ନିଅଂଟିଆ ବର୍ଷା ୨୪.୧ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ତିନି ଦିନ ବିଳମ୍ବରେ କେରଳରେ ପ୍ରବେଶ କରିଥିବା ମୌସୁମୀ ବର୍ତମାନ ସୁଦ୍ଧା ଦେଶର ୯୫ପ୍ରତିଶତ ଅଂଚଳ ଛୁଇଁଥିବାବେଳେ ୫ ପ୍ରତିଶତ ଅଂଚଳ ଏବେ ବି ଛୁଇଁ ପାରିନାହିଁ। ଏହା ସତ୍ୱେ ଦେଶରେ ଖରିଫ ବୁଣା ଅବ୍ୟାହତ ରହିଛି। ଯାହାକି ଗତବର୍ଷ ତୁଳନାରେ ମୋଟାମୋଟି ୨୨.୭ ପ୍ରତିଶତ କମ ରହିଛି। ମିଳିଥିବା ତଥ୍ୟ ଅନୁଯାୟୀ ବର୍ତମାନ ସୁଦ୍ଧା ଦେଶରେ ତୈଳବୀଜ ୫୩.୩ ପ୍ରତିଶତ, ଡାଲି ଶସ୍ୟ ୩୦.୫ ପ୍ରତିଶତ, ବୁଣା ହୋଇଥିବାବେଳେ ଜୁନ ୩୦ ପରେ ମୌସୁମୀ ସକ୍ରୀୟ ହେବା ପରେ ଆହୁରି ଅଧିନରେ ଖରିଫ ଚାଷ ଆରମ୍ଭ ହେବା ଆଶା ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଦେଶରେ ହାରାହାରି ବର୍ଷା ଜୁଲାଇ ମାସରେ ନିଅଂଟିଆ ତଥା ସ୍ୱାଭାବିକ ଠାରୁ କମ୍ ରହିବା ସମ୍ଭାବନା ରହିଛି। ଏବେ ଭୟଙ୍କର ଏଲ-ନିନୋ ମଧ୍ୟମ ପର୍ଯ୍ୟାୟରେ ଥିବାବେଳେ ମୌସୁମୀ ଋତୁର ଦ୍ୱିତୀୟ ଭାଗରେ ଏହା ଶକ୍ତିଶାଳୀ ଏବଂ ଅକ୍ଟୋବରରୁ ଜାନୁୟାରୀ ମଧ୍ୟରେ ଏହା ଅତ୍ୟନ୍ତ ଶକ୍ତିଶାଳୀ ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ସଂସ୍ଥାଗୁଡିକ ଭବିଷ୍ୟବାଣୀ କରିସାରିଲେଣି। ତେବେ ଏହାର ପ୍ରଭାବ ମୌସୁମୀ ବର୍ଷା ଏବଂ ଖରିଫ ଶସ୍ୟ ଉପରେ ସୀମିତ ରହିବ ନାହିଁ। ମୌସୁମୀ ବର୍ଷାକୁ ପ୍ରଶାନ୍ତ ମହାସାଗରୀୟ ଉଷ୍ମ ଜଳବାୟୁ ଏଲ-ନିନୋ ପ୍ରଭାବିତ କରିବା ସମ୍ଭାବନା ରହିଛି। ଏହା ମଧ୍ୟ ଉତାପ ବୃଦ୍ଧି କରିବ। ସ୍ୱଳ୍ପ ତଥା ନିଅଂଟିଆ ବୃଷ୍ଟିପାତ ଯୋଗୁଁ ଦେଶର ବହୁ ଅଂଚଳରେ ମରୁଡିର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଏଲ-ନିନୋର ପ୍ରଭାବରେ ଦେଶରେ ଶୀତର ଅବଧି ହ୍ରାସ ପାଇବା ସହ ଏକ ଉଷ୍ମ ଶୀତ ଋତୁ ଅନୁଭବ ହେବ। ଯାହାକି ରବି ଶସ୍ୟ ତଥା ଗହମ, ଶୋରିଷ, ଚଣା, ମସୁର ଏବଂ ଆଳୁ ଉତ୍ପାଦନକୁ ପ୍ରଭାବିତ କରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୩-୨୪ରେ ଶକ୍ତିଶାଳୀ ଏଲ-ନିନୋ ପ୍ରଭାବରେ ଦେଶରେ ୨୦୨୩ ଜୁନରୁ ୨୦୨୪ ଡିସେମ୍ବର ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ହାରାହାରି ୮.୫ ପ୍ରତିଶତ ଉପରେ ରହିଥିଲା। ସେହିପରି ପନିପରିବା ଉତ୍ପାଦନ ମଧ୍ୟ ହ୍ରାସ ପାଇବ ଯାହାକି ଖାଦ୍ୟ ମୁଦ୍ରାସ୍ଫୀତିକୁ ଆହୁରି ଉପରମୁହାଁ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କହିବା ବାହୁଲ୍ୟ ଯେ, ୨୦୨୫-୨୬ ଭାରତ ୧୬.୯ ମିଲିୟନ ଟନ ଖାଇବା ତେଲ ଏବଂ ୭.୩ ମେଟ୍ରିକ ଟନ ପୂର୍ବ ଆର୍ଥୀକ ବର୍ଷରେ ଆମଦାନୀ କରିଥିଲା। ଇରାନ-ଆମେରିକା ଯୁଦ୍ଧ ସ୍ଥିତି ଭାରତୀୟ ଅର୍ଥନୀତି ପାଇଁ ସଂକଟଜନକ ସ୍ଥିତ ଉତ୍ପନ କରିଥିଲା। ଆହୁରି ମଧ୍ୟ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜଳ ଭଣ୍ଡାର ଗୁଡିକରେ ଜଳ ପତନ ହ୍ରାସ ପାଇବ। ଯାହାର ପ୍ରଭାବରେ କେବଳ ବିଦ୍ୟୁତ ସଂକଟ ଉତ୍କଟ ହେବ ନାହିଁ, କେନାଲରେ ଜଳାଭାବ ଯୋଗୁଁ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ତେଣୁ ଭାରତ ବିଦେଶରୁ ଡାଲି, ଗହମ, ତୈଳ ଆମଦାନୀ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଜଳଭଣ୍ଡାର ଗୁଡିକରେ ଜଳପତନ ହ୍ରାସ ଏବଂ ଭୂତଳ ଜଳସ୍ତର ହ୍ରାସ ପାଇବା ଦେଶରେ ଉତ୍କଟ ପାନୀୟ ଜଳ ସଂକଟ ସୃଷ୍ଟି କରିବାର କାରଣ ହୋଇପାରେ। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ଏବେଠୁ ସଜାଗ ହେବା ଜରୁରୀ। ଆହୁରି ମଧ୍ୟ ଚାଷ ବାଧାପ୍ରାପ୍ତ ଏବଂ ଅସହ୍ୟ ଉତାପ ବୃଦ୍ଧି ଯୋଗୁଁ ଶ୍ରମଦିବସ ବ୍ୟାହତ ହେବା ଆଶଙ୍କା ରହିଛି। ଯାହାକି ଦେଶରେ ବେକାରୀ ରୋଜଗାରୀ ବୃଦ୍ଧି କରିବାର ସମ୍ଭାବନାକୁ ଅଣଦେଖା କରାଯାଇନପାରେ ଏବେ ଦେଶରେ ମନେରଗା ବଦଳରେ ଭିବି-ଜି ରାମ ଜୀ ଯୋଜନା ଆରମ୍ଭ ହୋଇଛି ଗ୍ରାମାଚଂଳରେ ଏହାର କାର୍ଯ୍ୟକାରିତା ଏବଂ ଦରଦାମ ନିୟନ୍ତ୍ରଣ ଏକ ଚ୍ୟାଲେଞ୍ଜ ହେବ, ଏଥିରେ ସନ୍ଦେହ ନାହିଁ।

# କଂଗ୍ରେସ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ବିଭାଗର ମାରାଥନ ବୈଠକ






ଭୁବନେଶ୍ୱର ୨୩/୮: କଂଗ୍ରେସ ଭବନରେ କଂଗ୍ରେସ ଦଳର ଏସସି , ଏସଟି , ଓବିସି ) ଏବଂ ସଂଖ୍ୟାଲଘୁ ସେଲ୍‌ଗୁଡ଼ିକର ଏକ ଦୀର୍ଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମ୍ପୃକ୍ତ ବର୍ଗର ବିଭିନ୍ନ ସମସ୍ୟା, ସେମାନଙ୍କର ସାଂଗଠନିକ ଓ କାର୍ଯ୍ୟକାରିତା ସମ୍ବନ୍ଧୀୟ ସମସ୍ୟା ଏବଂ ଆଗାମୀ ସମ୍ଭାବନାକୁ ନେଇ ଆଲୋଚ଼ନା କରାଯାଇଛି। ୨୦୨୭ ପ୍ରାରମ୍ଭରେ ହେବାକୁ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା (ପୌର ଓ ପଞ୍ଚାୟତ) ନିର୍ବାଚ଼ନକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଚ଼ରଣ ଦାସ ଏହି ବୈଠକରେ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶା ଏଆଇସିସି ପ୍ରଭାରୀ ଶ୍ରୀ ଲାଲଜୀ ଦେଶାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏଲପି ନେତା ଶ୍ରୀ ରାମଚ଼ନ୍ଦ୍ର କଦମ, ଓଡ଼ିଶା ଏଆଇସିସି ସହ-ପ୍ରଭାରୀ ଶ୍ରୀ ଜେ.ଟି. କୁସୁମ କୁମାର ଏବଂ ମୟୂର ଜୟ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମଞ୍ଚରେ ସମ୍ପୃକ୍ତ ସେଲ୍‌ର ଅଧକ୍ଷ ଶ୍ରୀ ମାନସ ମଲ୍ଲିକ, ଶ୍ରୀ ଯଶବନ୍ତ ସିଂ ଲାଗୁରୀ, ଶ୍ରୀ ସରୋଜ ପ୍ରଧାନ ଏବଂ ଜିଆଉଲ୍ ହକ୍ ଉପସ୍ଥିତ ରହି ନିଜ ନିଜ ବର୍ଗର ସମସ୍ୟା ଉପରେ ରିପୋର୍ଟ ପ୍ରଦାନ କରିଥିଲେ। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଶ୍ରୀ ନଗେନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ଶ୍ରୀ ନକୁଳ ନାୟକ ଏବଂ ଏଆଇସିସି ମୁଖପାତ୍ର ଡଃ ହମିଦ ହୁସେନ ମଧ୍ୟ ବକ୍ତବ୍ୟ ରଖିଥିଲେ।

ଆଲୋଚ଼ନା ସମୟରେ ଓପିସିସି ସଭାପତି ଶ୍ରୀ ଦାସ ଆଜିର ସମୟରେ ଏସସି ଓ ଏସଟି ବର୍ଗ ସାମ୍ନା କରୁଥିବା ସମସ୍ୟା, ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚ଼ାର, ଖଣି ଓ ଶିଳ୍ପାୟନ ଜନିତ ସମସ୍ୟା, ବ୍ୟାପକ ବିସ୍ଥାପନ ଓ ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟଗତ ସମସ୍ୟା, ପେସା (ଚରଝଇ) ଆକ୍ଟ ଏବଂ ଜଙ୍ଗଲ ଅଧିକାର ଆଇନର ଅଣ-କାର୍ଯ୍ୟକାରିତା ଏବଂ ଏହି ବର୍ଗ ପାଇଁ ହଷ୍ଟେଲର ଅଭାବ ବିଷୟରେ ଆଲୋକପାତ କରିଥିଲେ।

ଓବିସି ବର୍ଗ ସମ୍ପର୍କରେ ସେ ମତ ଦେଇଥିଲେ ଯେ ରାଜ୍ୟ ସରକାରୀ ସେବାରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ପାଇଁ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ୫୦ ପ୍ରତିଶତ ସଂରକ୍ଷଣ ସୀମାକୁ ହଟାଇ ଦିଆଯିବା ଉଚ଼ିତ। ଏଥିପାଇଁ ସେ ତାମିଲନାଡୁ ରାଜ୍ୟ ସେବାରେ ଏଭଳି ସୀମା ହଟାଇଥିବା ଉଦାହରଣ ଦେଇଥିଲେ। ସଂଖ୍ୟାଲଘୁ ସମସ୍ୟା ଉପରେ ଆଲୋଚ଼ନା କରି ପିସିସି ସଭାପତି କହିଥିଲେ ଯେ ଜାତୀୟ ଓ ରାଜ୍ୟ ସ୍ତରରେ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଏକ ଅସୁରକ୍ଷା ଭାବନା ସୃଷ୍ଟି ହୋଇଛି। ବର୍ତ୍ତମାନର ସରକାରଙ୍କ ଦ୍ୱାରା ୱାକଫ ବୋର୍ଡ, ଉର୍ଦ୍ଦୁ ଏକାଡେମୀ, ମଦ୍ରାସା ବୋର୍ଡ, ହଜ୍ କମିଟି ଭଳି ବିଭିନ୍ନ କମିଟି ଗଠନ କରାଯାଇ ନାହିଁ। ସଂଖ୍ୟାଲଘୁ କମିଶନ ମଧ୍ୟ ଗଠନ କରାଯାଉ ନାହିଁ। ବିଭିନ୍ନ ସମ୍ପୃକ୍ତ ସେଲ୍ ଦ୍ୱାରା ଏହି ସବୁ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ।

ଏଆଇସିସି ପ୍ରଭାରୀ ଶ୍ରୀ ଦେଶାଇ ସେଲ୍ ମୁଖ୍ୟମାନଙ୍କୁ କମ୍ ସମୟ ମଧ୍ୟରେ ସାଂଗଠନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ କହିଛନ୍ତି। ପିସିସି ଠାରୁ ଆରମ୍ଭ କରି ଡିସିସି ଏବଂ ବ୍ଲକ ସ୍ତର ପର୍ଯ୍ୟନ୍ତ ସଂଗଠନକୁ ସୁଦୃଢ଼ କରି ବିଭିନ୍ନ ସମସ୍ୟାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାର ଏସସି, ଏସଟି, ଓବିସି ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ୟାକୁ ସଠିକ୍ ଭାବେ ସମାଧାନ କରୁନାହାନ୍ତି। ଏଣୁ ଅବହେଳିତ ଶ୍ରେଣୀର ସମସ୍ୟାର ସମାଧାନ କରିବା ଏବଂ ଏହାକୁ ଆଗକୁ ନେବା କଂଗ୍ରେସ ଦଳର ଦାୟିତ୍ୱ ବୋଲି ସେ କହିଛନ୍ତି।

ଏହି ବୈଠକରେ ପ୍ରଫେସର ଅବଦୁଲ ସଲାମ, ସୁନୀତା ବିଶ୍ୱାଳ, ଚୈତନ୍ୟ ହାଂସଦା, ସୁନାରାମ ସୋରେନ, ବେରାଲ ସିର୍କା, ମାତ୍ରାଜ ଡୁଙ୍ଗଡୁଙ୍ଗ, ତପନ ପ୍ରଧାନ, ଅନିମା ମିଞ୍ଜ, ନନ୍ଦିନୀ ଲାକ୍ରା, ଇମତିଆଜ ଅହମ୍ମଦ, ଜଗନ୍ନାଥ ସାହୁ, ମହମ୍ମଦ ମୁସ୍ତାକିମ, ଶାମସିଦା ତୟବ, ଜାନକୀ ମଲ୍ଲିକ, ଭାଗୀରଥି ବେହେରା, ତାପସ ସେଠୀ, ରାଜେନ୍ଦ୍ର ଜେନା, ଆଶିଷ ମଲ୍ଲିକ, ମୌଲାନା ଅଜହର, ଡଃ ଲିଆକତ ଅଲ୍ଲୀ, ଇମାମୁଦ୍ଦିନ, ନୌସାଦ ଅଲ୍ଲୀ ଏବଂ ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କେଉଁ ବଡ଼ ବଡ଼ ନେତାଙ୍କୁ ହତ୍ୟା କରିବାକୁ ଚ଼ାହୁଁଥିଲେ

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ କଲ ରେକର୍ଡ ଯାଞ୍ଚ କରାଯାଉ : କଂଗ୍ରେସ




ଭୁବନେଶ୍ୱର, ୨୩/୮:କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ରାଉରକେଲା ମହାନଗର ନିଗମ ପ୍ରତିନଧି ପ୍ରକାଶ ପାଶୱାନଙ୍କ ଅପରାଧିକ ଗତିବିଧିକୁ ନେଇ କଂଗ୍ରେସ ଭବନଠାରେ ଗଣମାଧ୍ୟମ ବିଭାଗ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଏହି ସାମ୍ବାଦିକ ସମ୍ମିଳନୀରେ ଓପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଥିଲେ ଯେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସୁଧୁରିବାର ନାଁ ନେଉ ନଥିବା ବେଳେ ପୁଣି ଏକ ଜଘନ୍ୟକାଣ୍ଡ ଘଟି ଯାଇଛି ରାଉରକେଲାରେ ।

ରାଜ୍ୟର କୌଣସି ବଡ଼ ନେତାଙ୍କୁ ହତ୍ୟା କରିବା ପାଇଁ ଓ ରାଜ୍ୟରେ ଏକ ବଡ଼ ଧରଣର ହତ୍ୟାକାଣ୍ଡ ରଚ଼ିବା ପାଇଁ ରାଉରକେଲା ସର୍କିଟ ହାଉସରୁ ହୋଇଥିଲା ବ୍ଲୁ ପ୍ରିଣ୍ଟ । ଏହି ବ୍ଲୁ ପ୍ରିଣ୍ଟ ଅନ୍ୟ କେହି କରିନଥିଲେ, କି ଅନ୍ୟ କୌଣସି ସଂଗଠନ ବା ରାଜନୈତିକ ଦଳ ଦ୍ୱାରା ହୋଇନଥିଲା । ଏହି ଷଡଯନ୍ତ୍ର ସରକାରୀ ଦଳ ଦ୍ୱାରା ହୋଇଥିଲା, ଅର୍ଥାତ୍ ଏହି ଯୋଜନାଟି ସରକାର ହିଁ କରିଥିଲେ ।

ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀଙ୍କର ଖାସ୍ ବ୍ୟକ୍ତି, ତାଙ୍କ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ରାଉରକେଲା ମହାନଗର ନିଗମର ସାଂସଦ ପ୍ରତିନିଧି ପ୍ରକାଶ ପାଶ୍ୱାନଙ୍କ ଦ୍ୱାରା ଏହି ଷଡଯନ୍ତ୍ର ରଚ଼ାଯାଇଥିଲା ।

ଗତ ୧୪ ତାରିଖରେ ରଘୁନାଥପାଲି ପୋଲିସ୍ କୌଣସି ସୂତ୍ରରୁ ଖବର ପାଇ ରାଉରକେଲା (ପାନପୋଷ) ସର୍କିଟ ହାଉସର ରୁମ୍ ନମ୍ବର ୧୦୩ ରୁ ୩ ଜଣଙ୍କୁ (ବିକାଶ, ରାଜେଶ ଓ ସାଗର) ଙ୍କୁ ଗିରଫ କରିବା ସହିତ ୪ ଟି ବନ୍ଧୁକ ଏବଂ ୧୧ ଟି ଜୀବନ୍ତ ଗୁଳି ଜବତ କରିଥିବା ବେଳେ ଉକ୍ତ ଗ୍ୟାଙ୍ଗର ୫ ଜଣ ଅପରାଧୀ ଫେରାର ଅଛନ୍ତି ।

ଗିରଫ ୩ ଜଣଙ୍କ ମଧ୍ୟରୁ ରାଜେଶ ପୂର୍ବରୁ ବନ୍ଧୁକ କାରବାର ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲା । ଅନ୍ୟ ଦୁଇଜଣ ବିକାଶ ଓ ସାଗରଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ରହିଛି ।

ରାଉରକେଲାର ୧୦୧ ନମ୍ବର ରୁମ୍ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କ ରାଉରକେଲା ମହାନଗର ନିଗମର ସାଂସଦ ପ୍ରତିନିଧି ପ୍ରକାଶ ପାଶ୍ୱାନ ନାଁରେ ବୁକିଂ ହୋଇ ଥିବା ସତ୍‌ବେ ସେ ୧୦୩ ଓ ୧୦୮ ରେ ରହୁଥିଲେ ।

ଏହି ପ୍ରଶ୍ନ ଉଠୁଛି,ସର୍କିଟ୍ ହାଉସର ୧୦୩ ଓ ୧୦୮ ନମ୍ବର ରୁମ୍ କାହା ନାଁରେ ବୁକିଂ ହୋଇଥିଲା ବିନା ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସୁପାରିଶରେ ବୁକିଂ ହେଲା କେମିତି କୋଉ ମନ୍ତ୍ରୀ, ନେତା, ବିଧାୟକଙ୍କ ସୁପାରିଶ କ୍ରମେ ଉପଜିଲ୍ଲାପାଳ ବୁକିଂକୁ ଆପ୍ରୁଭ୍ କରିଥିଲେ ! ଯାହା ସୁପାରିଶରେ ରୁମ ବୁକିଂ ହୋଇଥିଲା ତାଙ୍କ ସହିତ ଏହି ଅପରାଧୀଙ୍କ ସମ୍ପର୍କ କଣ ଯଦି କୌଣସି ନେତା ମନ୍ତ୍ରୀଙ୍କ ସୁପାରିସ ନଥିଲା, ତେବେ କଣ ଉପଜିଲ୍ଲାପାଳ ନିଜେ ଅପରାଧୀଙ୍କୁ ରୁମ୍ ଦେଇଥିଲେ ରହିବାକୁ, ଯଦି ଦେଇଥିଲେ କେଉଁ ସ୍ୱାର୍ଥରେ ଏହି ଅପରାଧି ମାନଙ୍କ ସହିତ ଉପଜିଲ୍ଲାପାଳଙ୍କର କଣ ସମ୍ପର୍କ ରହିଛି ଏମାନେ ଅପରାଧିକ କାର୍ଯ୍ୟ କଳାପରେ ସଂପୃକ୍ତ ବୋଲି କେନ୍ଦ୍ରମନ୍ତ୍ରୀ ଓ ଉପଜିଲ୍ଲାପାଳ କେମିତି ଜାଣିପାରିଲେ ନାହିଁ କ୍ଷ ନା ସବୁ ଜାଣି ଅପରାଧକୁ ପ୍ରଶ୍ରୟ ଦେଇଥିଲେ କ୍ଷ ଏତେ ସବୁ ଘଟଣା ଘଟି ଯାଇଥିଲେ ମଧ୍ୟ ଉପଜିଲ୍ଲାପାଳଙ୍କୁ ନିଲମ୍ବନ କରାଗଲା ନାହିଁ କାହିଁକିସରକାର ଡରୁଛନ୍ତି କି ଉପଜିଲ୍ଲାପାଳଙ୍କୁ ନିଲମ୍ବନ କଲେ ବା ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସରକାରଙ୍କ ଅସଲ ମୁଖା ଖୋଲିଯିବ ଜୁଲାଇ ୨୧ ରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ କେମିତି ରୁମ ବୁକିଂ ହେଲା ପୋଲିସକୁ କିଏ ଖବର ଦେଲା ସର୍କିଟ୍ ହାଉସରେ ଅପରାଧିକ ତତ୍ତ୍ୱମାନେ ଏତେଦିନ ଧରି ରହି ଆସୁଥିଲେ ସୁଦ୍ଧା ଗୁଇନ୍ଦା ବିଭାଗ ପାଖରେ କୌଣସି ତଥ୍ୟ ନଥିଲା କେମିତି

ବନ୍ଧୁକ ଓ ଜୀବନ୍ତ ଗୁଳି କେଉଁଠୁ ଆସିଲା ଏଥିରେ ରାଜ୍ୟ ବାହାର ମାଫିଆ ସଂପୃକ୍ତ ଅଛିନ୍ତି ନା ନାହିଁ

କୋଉ ବଡ଼ ନେତାଙ୍କୁ ହତ୍ୟା କରିବା ପାଇଁ ଏହି ପ୍ଲାନ କରାଯାଇଥିଲା, ଏହି ପ୍ଲାନ ରାଜନୈତିକ ନା ବ୍ୟବସାୟିକ ଥିଲା

ଏହି ଅପରାଧୀ ମାନଙ୍କ ସହିତ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶ ପାଶ୍ୱାନର ସମ୍ପର୍କ କଣ ଏବଂ ଏମାନେ କେବେଠାରୁ ଏଭଳି ସମ୍ପର୍କରେ ଅଛନ୍ତି

ଉପଜିଲ୍ଲାପାଳ, ପ୍ରକାଶ ପାଶ୍ୱାନ, ମନ୍ତ୍ରୀ ଜୁଏଲ ଓରାମଙ୍କ ୬ ମାସର ମୋବାଇଲ କଲ ଯାଞ୍ଚ କରାଯାଉ।

ବିଜେପି ନେତା ଅଭିଷେକ ଧଳ, ପ୍ରକାଶ ପାଶ୍ୱାନ ଓ ମାଡାମ ଖୁଶବୁ ଯାଦବଙ୍କ ଭିତରେ ସମ୍ପର୍କ କଣ ଆଉ ଏମାନଙ୍କର ଅପରାଧୀ ମାନଙ୍କ ସହିତ ସମ୍ପର୍କ କଣ

ପ୍ରକାଶ ପାଶ୍ୱାନକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ କାହିଁକି

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରକାଶ ପାଶ୍ୱାନକୁ ଦଳରୁ ବାହାର କରି ସ୍ପଷ୍ଟ କରିଛନ୍ତି ଯେ, ସେ ଏକ ଅପରାଧୀ ବୋଲି, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଓ ଗୃହ ବିଭାଗ ତାଙ୍କୁ ଏପର୍ଯ୍ୟନ୍ତ ଆରେଷ୍ଟ କରିନି କାହିଁକି

କଣ କେନ୍ଦ୍ରମନ୍ତ୍ରୀ ବୋଲି ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ନାହିଁ କି ଏ ସମସ୍ତ ପ୍ରଶ୍ନର ସମାହାର ଦର୍ଶାଉଛି ସରକାର ସବୁ ଜାଣିଛନ୍ତି, ତେବେ ସରକାର କୋଉ ବଡ଼ ବଡ଼ ନେତାଙ୍କୁ ହତ୍ୟା କରିବାକୁ ଚ଼ାହୁଁଥିଲେ ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ ପଚ଼ାରିଥିଲେ ।

## ଓଡ଼ିଆ ସଂଗୀତ ଆକାଶର ତରକା ଥିଲେ ପ୍ରଣବ ପଟ୍ଟନାୟକ

ଭୁବନେଶ୍ୱର, ୨୩/୮ :ଓଡ଼ିଆ ସଂଗୀତ ଆକାଶର ତାରକା, ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ପରିବାର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଜି ଭୁବନେଶ୍ୱର ସ୍ଥିତ ବିଶ୍ୱ ଓଡ଼ିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକ ସଭାରେ ବକ୍ତାମାନେ ସ୍ୱର୍ଗତ ପଟ୍ଟନାୟକ ଗୁଣାବଳି ବର୍ଣନା କରିଥିଲେ।
ନିଜର ଅମୃତମୟ କଣ୍ଠସ୍ୱର ଓ କାଳଜୟୀ ସଂଗୀତ ସୃଷ୍ଟି ମାଧ୍ୟମରେ ସେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚ଼ିରସ୍ମରଣୀୟ ହୋଇରହିବେ। ତାଙ୍କର ପରଲୋକ ଓଡ଼ିଆ ସଂଗୀତ ଜଗତରେ ଏକ ଶୂନ୍ୟତା ସୃଷ୍ଟି କରିଛି।
ପ୍ରଭୁ ଶ୍ରୀ ଜଗନ୍ନାଥ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା।ଏହି ଶୋକସଭାରେ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା, ମନୋ ରଞ୍ଜନ ଷଡଙ୍ଗୀ, ଭବାନୀ ପ୍ରସାଦ ମିଶ୍ର, ସୁଜିତ କୁମାର ଦାସ, ଡାକ୍ତର ପ୍ରତାପ ପାଣି, ଡକ୍ଟର ହାଡିବନ୍ଧୁ ପାଣିଗ୍ରାହୀ, ଡକ୍ଟର ପ୍ରୀତିପ୍ରତିଭା ଭୋଳ, ସୁବ୍ରତ କିଶୋର ନାୟକ ଓ ସୁରେଶ କୁମାର ସାହୁ ଆଦି ଉପସ୍ଥିତ ଥିଲେ।

## ଏଫଏଚ଼ଆରଏଆଇର ୫୬ ତମ ବାର୍ଷିକ ସମ୍ମିଳନୀ

ବାରାଣାସୀ / ଭୁବନେଶ୍ୱର, ୨୩/୮: ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣାସୀଠାରେ ଆୟୋଜିତ ଋଐଜଇଓ ର ୫୬ତମ ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି। 'ଅନନ୍ତ କାଶୀ: ଆଧ୍ୟାତ୍ମିକତା, ସଂସ୍କୃତି, ବ୍ୟଞ୍ଜନ ଏବଂ କଳା ମାଧ୍ୟମରେ ପର୍ଯ୍ୟଟନର ଭବିଷ୍ୟତ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି, ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ଦୃଷ୍ଟିକୋଣରୁ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଗ୍ରାମୀଣ ଅର୍ଥନୀତି ଏବଂ ବିକାଶ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚ଼ନା କରିଥିଲେ।

କାଶୀ ଏବଂ ଓଡ଼ିଶା ମଧ୍ୟରେ ଥିବା ଆଧ୍ୟାତ୍ମିକ ସମ୍ପର୍କ ବିଷୟରେ ଆଲୋଚ଼ନା କରି କହିଥିଲେ ଯେ, କାଶୀର ବାବା ବିଶ୍ୱନାଥ ଏବଂ ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥ 'ହରି' ଓ 'ହର'ଙ୍କ ଏକତାକୁ ଦର୍ଶାନ୍ତି। ଏହା ପର୍ଯ୍ୟଟକଙ୍କୁ କେବଳ ଭ୍ରମଣ ଅନୁଭୂତି ନୁହେଁ, ବରଂ ଭାରତୀୟ ସଂସ୍କୃତିର ଏକ ଗଭୀର ଅନୁଭୂତି ପ୍ରଦାନ କରିଥାଏ।ଓଡ଼ିଶାରେ ସବୁ ପ୍ରକାର ପର୍ଯ୍ୟଟନ ସମ୍ଭାବନା ରହିଛି। ଆପଣଙ୍କର ପ୍ରତ୍ୟେକ ହୋଟେଲ ରହଣି ସ୍ଥାନୀୟ ଚ଼ାଷୀ, ହସ୍ତଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଥାଏ। ସ୍ଥାନୀୟ ଚ଼ାଷୀ ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ପାଇଁ ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବା ସହ ପରିବେଶ ଅନୁକୂଳ ସ୍ୱଚ଼୍ଛ ଶକ୍ତି ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି।

ସରକାର, ହୋଟେଲ ଶିଳ୍ପ ଏବଂ ସ୍ଥାନୀୟ ଲୋକଙ୍କ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାକୁ ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ସହିତ ଯୋଡ଼ି ପର୍ଯ୍ୟଟନ ସର୍କିଟ ଗଢ଼ିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ମଧ୍ୟ ଦେଇଛନ୍ତି।

ନିଜର ଅଭିଭାଷଣ ଶେଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, 'ଭ୍ରମଣରେ ଆସି ସାଥୀରେ ପର୍ଯ୍ୟଟନର, ନିଜର ସୁନ୍ଦର ସ୍ମୃତି ଓ ଅନୁଭୂତି ନିଅନ୍ତୁ'।

# କଂସାରୀଗୁଡ଼ା ଆଦିତ୍ୟ ଆଲୁମିନା ପ୍ରକଳ୍ପକୁ ନେଇ ୫ମ ଆରପିଡିଏସି ବୈଠକ



ରାୟଗଡ , ୨୩/୮: ରାୟଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର କଂସାରୀଗୁଡ଼ା ଆଦିତ୍ୟ ଆଲୁମିନା ପ୍ରକଳ୍ପ, ରାୟଗଡ ସମ୍ପର୍କିତ ୫ମ ଆର୍‌ପିଡିଏସି ବୈଠକ ଅନୁଷ୍ଠିତ ହୋଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, (ଆଇଏଏସ୍)ଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ବୈଠକରେ କଂସାରୀଗୁଡ଼ା ଆଦିତ୍ୟ ଆଲୁମିନା ପ୍ରକଳ୍ପ ଯୋଗୁଁ ପ୍ରଭାବିତ ରାୟଗଡ ଓ କୋରାପୁଟ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳଗୁଡ଼ିକର ବିଭିନ୍ନ ସମସ୍ୟା ନେଇ ଆଲୋଚ଼ନା କରାଯାଇଥିଲା । ସମସ୍ୟାଗୁଡ଼ିକର ସମାଧାନ ଓ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା, ରାୟଗଡ ବିଧାୟକ କାଡ୍ରକା ଆପଲାସ୍ୱାମୀ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ରାୟଗଡ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶୁତୋଷ କୁଲକର୍ଣ୍ଣୀ, କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ମନୋଜ ସତ୍ୟୱାନ ମହାଜନଙ୍କ ସମେତ ରାୟଗଡ ଓ କୋରାପୁଟ ଜିଲ୍ଲା ପରିଷଦ ଅଧକ୍ଷ,କାଶୀପୁର ଓ ଲକ୍ଷ୍ମୀପୁର ବ୍ଲକ ଅଧକ୍ଷ, ଉଭୟ ଜିଲ୍ଲାର ଏସ୍‌ପି ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ଦୁଇ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚ଼ନା ସହ ସମସ୍ୟା ସମାଧାନ ପାଇଁ ବିଭାଗୀୟ ସ୍ତରରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ୪ର୍ଥ ଆରପିଡିଏସି ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ସମୀକ୍ଷା ସହ ପ୍ରକଳ୍ପ ପ୍ରଭାବିତ ଓ ବିସ୍ଥାପିତ ପରିବାରଙ୍କ ପୁନର୍ବାସ, ରକ୍ଷଣାବେକ୍ଷଣ ଭତ୍ତା, ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ, ରାସ୍ତା ଓ ମୌଳିକ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସିଏସ୍‌ଆର୍ କାର୍ଯ୍ୟକ୍ରମ ନେଇ ବିସ୍ତୃତ ଆଲୋଚ଼ନା ହୋଇଛି । ବୈଠକରେ ପ୍ରକଳ୍ପର ପାରିପାର୍ଶ୍ୱିକ ଅଞ୍ଚଳରେ ମୌଳିକ ସୁବିଧାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ବିସ୍ଥାପିତ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ମଧ ବୈଠକରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଉଭୟ ଜିଲ୍ଲାର ଜିଲ୍ଲାପାଳ, ଭୂମି ଅଧିଗ୍ରହଣ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ନେଇ ଏକ ସ୍ୱତନ୍ତ୍ର ସବ କମିଟି ଗଠନ କରାଯାଇଛି । ବିସ୍ଥାପିତଙ୍କ ଅଭିଯୋଗ ଓ ସମସ୍ୟାର ତଦନ୍ତ କରି ଏହି କମିଟି ଆସନ୍ତା ଦୁଇ ମାସ ମଧରେ ରିପୋର୍ଟ ପ୍ରଦାନ କରିବ । ଯାହାକୁ ଆଗାମୀ ଆରପିଡିଏସି ବୈଠକରେ ନିଷ୍ପତ୍ତି ନିଆଯାଇ ସ୍ୱୀକୃତି ଦିଆଯିବ ଷ୍ଟ ଏହାଦ୍ୱାରା ଯୋଗ୍ୟ ବିସ୍ଥାପିତଙ୍କ ଅଧିକାର ଓ ପୁନର୍ବାସ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଆଗାମୀ ପଦକ୍ଷେପ ନିଆଯାଇ ପାରିବ ବୋଲି ଆରଡିସି ଶ୍ରୀ ମହାପାତ୍ର କହିଛନ୍ତି । ଆଣ୍ଡୁଗୁଡ଼ା ପୁନର୍ବାସ ଓ ଥଇଥାନ କଲୋନୀର ନିର୍ମାଣ କାର୍ଯ୍ୟ ମଧ ବୈଠକରେ ପ୍ରମୁଖ ପ୍ରସଙ୍ଗ ରହିଥିଲା । ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ୧୦ ଡେସିମିଲ୍ ଜମିରେ ୪୫୦ ବର୍ଗଫୁଟ୍‌ର ବାସଗୃହ ସହ ଆବଶ୍ୟକ ନାଗରିକ ସୁବିଧା ଯୋଗାଇବାର ବ୍ୟବସ୍ଥା ରହିଛି । ମୋଟ ୨୮୦ଟି ଘର ନିର୍ମାଣ ଯୋଜନା ମଧ୍ୟରୁ ୧୧୮ଟି ଘରର ଛାତ ଢଳେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଇଟା ଗାନ୍ଥଣୀ ଓ ପ୍ଲାଷ୍ଟର କାମ ଚ଼ାଲିଥିବା ବେଳେ ଅବଶିଷ୍ଟ ୧୬୨ଟି ଘରର ନିର୍ମାଣ କାର୍ଯ୍ୟ ପ୍ରଗତିରେ ରହିଛି । ବିସ୍ଥାପିତ ବ୍ୟକ୍ତିଙ୍କ ତାଲିକା ନେଇ ମଧ ବୈଠକରେ ବିସ୍ତୃତ ଆଲୋଚ଼ନା ହୋଇଛି । ୧୮ ବର୍ଷ ବୟସ ପୂରଣ କରିଥିବା ଆଉ ୨୯ ଜଣ ଯୁବକଯୁବତୀଙ୍କୁ ତାଲିକାରେ ସାମିଲ କରିବା, ତଦନ୍ତ ପରେ ବାଦ୍ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିଙ୍କ ନାମ ପୁନଃ ଯୋଡ଼ିବା ଏବଂ ଅଯୋଗ୍ୟ ଥିବା କେତେକ ନାମ ବାଦ୍ ଦେବା ନେଇ ମଧ ଆଲୋଚ଼ନା ହୋଇଛି । ବିରିଗୁଡ଼ା କଲୋନୀର ପ୍ରଭାବିତ ପରିବାରଙ୍କ ସର୍ଭେ ଓ ଡିପି ତାଲିକା ନେଇ ମଧ ପଦକ୍ଷେପ ନିଆଯାଇଛି । କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ପରିବାର ସର୍ଭେ ପରେ ୨୦୯ ଜଣ ପ୍ରଭାବିତ ବ୍ୟକ୍ତିଙ୍କ ଚୂଡ଼ାନ୍ତ ତାଲିକା ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ନିକଟକୁ ପଠାଯାଇଥିବା ଜଣାପଡ଼ିଛି । ଏହାସହ ରାୟଗଡ ଜିଲ୍ଲା ପାଇଁ ଅତିରିକ୍ତ ଡିପି ତାଲିକା ଅନୁମୋଦନ ଏବଂ ବିସ୍ଥାପିତଙ୍କ ଅଧିକାର ସମ୍ପର୍କରେ ମଧ ଆଲୋଚ଼ନା ହୋଇଛି । ରକ୍ଷଣାବେକ୍ଷଣ ଭତ୍ତା ନେଇ ମଧ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି । ଜୁଲାଇ ୨୦୨୪ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଯୋଗ୍ୟ ବିସ୍ଥାପିତ ପରିବାରଙ୍କୁ ମାସିକ ୪,୧୬୬ ଟଙ୍କା ହିସାବରେ ଭତ୍ତା ପ୍ରଦାନ କରାଯାଇଥିବାବେଳେ ଏହାକୁ ବୃଦ୍ଧି କରି ମାସିକ ୬,୨୫୧ ଟଙ୍କା କରିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି । ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ଭାବେ ସଶକ୍ତ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ଠିକା କାର୍ଯ୍ୟ ପ୍ରଦାନ କ୍ଷେତ୍ରରେ ମଧ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । ପ୍ରକଳ୍ପ ଅଞ୍ଚଳର ସ୍ଥାନୀୟ ଲୋକଙ୍କୁ ପ୍ରାୟ ୨୯ କୋଟି ୧୧ ଲକ୍ଷ ଟଙ୍କାର ୬୬୦ଟି ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି । ସେହିପରି କମ୍ପାନୀ ପରିସର ମଧରେ ବିସ୍ଥାପିତମାନଙ୍କୁ ପ୍ରାୟ ୧୮ କୋଟି ୩୮ ଲକ୍ଷ ଟଙ୍କାର ୧୯୨ଟି ୱାର୍କ ଅର୍ଡର ପ୍ରଦାନ କରାଯାଇଛି । ସ୍ଥାନୀୟ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ କିଟ୍ ଭୁବନେଶ୍ୱରରେ ୪୬ ଜଣ ଯୁବକଙ୍କୁ ଆଇଟିଆଇ ତାଲିମ ଦିଆଯାଇଛି । ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ୨୦୨୬-୨୯ ଶିକ୍ଷାବର୍ଷ ପାଇଁ ୨୪ ଜଣଙ୍କୁ ଡିପ୍‌ଲୋମା ଇଞ୍ଜିନିୟରିଂରେ ତାଲିମ ପାଇଁ ଚ଼ୟନ କରାଯାଇଥିବାବେଳେ ଆଗାମୀ ବ୍ୟାଚ୍ ପାଇଁ ଆଉ ୪୦ ଜଣଙ୍କୁ ମନୋନୀତ କରାଯାଇଛି । ଏହାସହ ଭୁବନେଶ୍ୱରସ୍ଥିତ ଏବିଏଲ୍‌ବିଏଲ୍‌ରେ ୯୦ ଜଣ ଯୁବତୀଙ୍କୁ ପୋଷାକ ନିର୍ମାଣ କ୍ଷେତ୍ରରେ ମାଷ୍ଟର ଟ୍ରେନର ଆପାରେଲ୍ ମେକିଂ ତାଲିମ ଦିଆଯାଉଛି । ରାସ୍ତା ନିର୍ମାଣ କାର୍ଯ୍ୟର ମଧ ସମୀକ୍ଷା କରାଯାଇଛି । ସୋରିଷପଦର-ଚ଼କାଲକ୍ଷ୍ମୀପୁର ୮.୦୭୨ କିଲୋମିଟର ରାସ୍ତା ମଧ୍ୟରୁ ୫.୬୮୮ କିଲୋମିଟର ପ୍ରଶସ୍ତୀକରଣ କାର୍ଯ୍ୟ ସମାପ୍ତ ହୋଇଛି । ଅବଶିଷ୍ଟ ୨.୩୮୪ କିଲୋମିଟର କାର୍ଯ୍ୟ ସେପ୍‌ଟେମ୍ବର ୨୦୨୬ ସୁଦ୍ଧା ଶେଷ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ପୋଡ଼ାପାଡ଼ି ଗୋପବନ୍ଧୁ ହାଇସ୍କୁଲକୁ ଜମି ପଟ୍ଟା ପ୍ରଦାନ ପାଇଁ ଇଡ୍‌କୋ ମାଧ୍ୟମରେ ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ ସମ୍ପାଦନ ପ୍ରକ୍ରିୟା ଜାରି ରହିଛି । ପ୍ରକଳ୍ପ ସମ୍ପର୍କିତ ମଞ୍ଜୁରୀ ଓ ଜମି ହସ୍ତାନ୍ତର ମଧ ବୈଠକରେ ଆଲୋଚ଼ିତ ହୋଇଛି । ପ୍ରକଳ୍ପ ପାଇଁ ଷ୍ଟେଜ୍-୨ ଜଙ୍ଗଲ ମଞ୍ଜୁରୀ, ପରିବେଶ ମଞ୍ଜୁରୀ ଏବଂ ନିର୍ମାଣ ପାଇଁ ଜଳ ଓ ବିଦ୍ୟୁତ୍ ଅନୁମୋଦନ ମିଳିଥିବା ଦର୍ଶାଯାଇଛି । ଓଡ଼ିଶା ଖଣି ନିଗମ ସହ ଦୀର୍ଘମିଆଦି ବକ୍ସାଇଟ୍ ଯୋଗାଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌କୁ ୯୨.୧୫ ଏକର ଜଙ୍ଗଲ ଜମି ହସ୍ତାନ୍ତର କରାଯାଇଥିବା ସୂଚ଼ନା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଅଞ୍ଚଳର ସାମଗ୍ରିକ ବିକାଶ ଓ ଲୋକକଲ୍ୟାଣମୂଳକ କାର୍ଯ୍ୟ ପାଇଁ ସିଏସ୍‌ଆର୍ ପାଣ୍ଠିକୁ ୩୨ କୋଟି ଟଙ୍କାରୁ ବୃଦ୍ଧି କରି ୫୦ କୋଟି ଟଙ୍କା କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ୟୁଏଆଇଏଲ୍ ପକ୍ଷରୁ ମେଗା ରକ୍ତଦାନ ଶିବିର, ୨୩୫ ୟୁନିଟ୍ ରକ୍ତ ସଂଗୃହୀତ




ରାୟଗଡ଼ା , ୨୩/୮: ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏହାର ସିଏସଆର ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ, ସହଯୋଗରେ ସ୍ଥାନୀୟ ନୂଆପଡ଼ା ଟାଉନସିପ କ୍ଲବ୍ ହାଉସ୍‌ଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଅଛି । ରକ୍ତ ଦାନ, ମହତ ଦାନ ଏହି ମହତ୍ ଉଦ୍ଦେଶ୍ୟ ନେଇ ଉକ୍ତଶିବିରରେ ସ୍ଥାନୀୟ ସମୁଦାୟ ଓ କମ୍ପାନୀ କର୍ମଚ଼ାରୀମାନଙ୍କର ଉତ୍ସାହଜନକ ସହଯୋଗ ପରିଲକ୍ଷିତ ହୋଇଥିବା ବେଳେ ମୋଟ ୨୩୫ ୟୁନିଟ୍ ରକ୍ତ ଏହି ଶିବିରରୁ ସଂଗ୍ରହ କରାଯାଇଥିଲା ।

ଉକ୍ତ ଶିବିରକୁ ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବରିଷ୍ଠ ପରିଚ଼ାଳନା ଦଳ, ସିଏସଆର ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ପ୍ଲାଣ୍ଟ ସିଏସଆର ବିଭାଗ ମୁଖ୍ୟ ଶ୍ରୀ ଦିଗନ୍ତ ମହାନ୍ତି ଏବଂ ସିଏସଆର ଟିମ୍‌ର ସମସ୍ତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ଏଥିସହିତ ଉତ୍କଳ ହସ୍ପିଟାଲରେ ସିଏମ୍‌ଓ ଡା. ରଞ୍ଜନ କୁମାର ଲେଙ୍କା, ଡା. ରାଜେନ୍ଦର ମଣ୍ଡଳ ଏବଂ ରିଫାଇନେରୀ ଇଞ୍ଜିନିୟରିଂର ଏଭିପି ଶ୍ରୀ ଗିରିଜା ପଣ୍ଡା ଉପସ୍ଥିତ ରହି ରକ୍ତଦାନ ଶିବିରକୁ ତଦାରଖ କରିଥିଲେ । ଉକ୍ତ ଶିବିରକୁ ସୁଚ଼ାରୁ ଭାବେ ପରିଚ଼ାଳନା ନିମନ୍ତେ ସିଏସଆର ଟିମ୍‌ର ସଦସ୍ୟ ସୁଧୀର କୁମାର ନାୟକ, ରୁପେନ ପଟ୍ଟନାୟକ, ସୌମ୍ୟ ରଞ୍ଜନ ସ୍ୱାଇଁ, ଗଜେନ୍ଦ୍ର ନାଏକ, ସତ୍ୟଭାମା ନାୟକ, କାର୍ତ୍ତିକେଶ୍ୱର ସାହୁ, ମୋହିନୀ ନାଏକ, ଗୌରୀ ଶଙ୍କର, ସସ୍ମିତା, କାମଦେବ, ବାଦଲ, ଲିଜା, ହେମଲତା, ନିରୂପମା ଓ ଦେବୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

## ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ



ଝାରସୁଗୁଡ଼ା. ୨୩/୮: ଜିଲ୍ଲା ପ୍ରଶାସନ ଏବଂ ୟଙ୍ଗଷ୍ଟାର ଚ଼ାରିଟେବୁଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମନମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୪୦ ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଏହି ରକ୍ତଦାନ ଶିବିର ପରିସରକୁ ଯାଇ ରକ୍ତଦାନ କରିଥିବା ଲୋକଙ୍କୁ ଭେଟି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜି. ଆର୍. ରାଘବେନ୍ଦ୍ର ମଧ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

## ସ୍ନେହ-ସେତୁ ଜରିଆରେ ପରିବାର ସହ ୫ ଜଣଙ୍କ ପୁନଃମିଳନ



ଝାରସୁଗୁଡ଼ା, ୨୩/୮: ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମାନବୀୟ ପ୍ରୟାସ 'ସ୍ନେହ-ସେତୁ' ଅଭିଯାନ ମାଧ୍ୟମରେ ଅନେକ ପରିବାର ମୁହଁରେ ହସ ଫୁଟିଛି । ସ୍ଥାନୀୟ କ୍ରକ୍ସ କଲୋନୀସ୍ଥିତ 'ମିଶନ ଆଶାଲୋକ'ରେ ଆଶ୍ରୟ ନେଇଥିବା ୫ ଜଣ ମାନସିକ ଅସୁସ୍ଥ ଅନ୍ତେବାସୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କ ନିଜ ନିଜ ପରିବାର ସହିତ ପୁନଃମିଳନ କରାଯାଇଛି । ଉଚ଼ିତ ଚ଼ିକିତ୍ସା, ଯତ୍ନ, କାଉନସେଲିଂ ଓ ଥଇଥାନ ସହାୟତା ପରେ ସେମାନଙ୍କୁ ସମ୍ମାନର ସହ ନିଜ ଆତ୍ମୀୟଙ୍କ ନିକଟକୁ ଫେରାଇ ଦିଆଯାଇଛି । ଏହି ସ୍ୱତନ୍ତ୍ର ପୁନଃମିଳନ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଅନ୍ତେବାସୀମାନଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚ଼ହ୍ୱାଣ କହିଛନ୍ତି, "ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇପଡ଼ିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ, ସ୍ନେହ ଓ ସୁରକ୍ଷା ପ୍ରଦାନ କରିବା ଆମ ପ୍ରଶାସନର ପ୍ରମୁଖ କର୍ତ୍ତବ୍ୟ । ସ୍ୱାଧୀନତା ଦିବସର ଏହି ଶୁଭ ମୁହୂର୍ତ୍ତରେ 'ସ୍ନେହ-ସେତୁ' ମାଧ୍ୟମରେ ଏହି ଅନ୍ତେବାସୀମାନଙ୍କୁ ନୂଆ ଜୀବନ ଓ ପରିବାରର ପାଖକୁ ଫେରାଇ ଆଣିବା ଆମ ସମସ୍ତଙ୍କ ପାଇଁ ଏକ ଆତ୍ମସନ୍ତୋଷର ବିଷୟ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସହଯୋଗୀ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ଏହି ମାନବୀୟ ପ୍ରୟାସ ପ୍ରଶଂସନୀୟ ।" ଏପର୍ଯ୍ୟନ୍ତ ୪୩ ଜଣ ପରିବାର ସହ ପୁନଃମିଳିତ ହୋଇସାରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ବିଭାଗର କର୍ମଚ଼ାରୀ ଆଦିତ୍ୟ ବାଦି, ପିପୁଲ୍ସ ଫୋରମ୍‌ର କର୍ମକର୍ତ୍ତା ତଥା 'ଏଇତ ଜୀବନ' ସଂସ୍ଥା ର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ ।

## ଭେସମତୀଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଲେ ଜିଲ୍ଲାପାଳ



ଝାରସୁଗୁଡ଼ା , ୨୩/୮: ଜିଲ୍ଲାର ଲଇକେରା ବ୍ଲକ ଅନ୍ତର୍ଗତ ତିଲେଇମାଲ ଗ୍ରାମର ଝିଅ ଭେସମତୀ ନାଏକଙ୍କ ପାଇଁ ସମଗ୍ର ଜିଲ୍ଲା ଗର୍ବିତ । ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର 'ଇନ୍-ହାଉସ୍ ରିସେପସନ୍' କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ଭେସମତୀ ମନୋନୀତ ହୋଇଛନ୍ତି । ଏହି ଉପଲକ୍ଷେ ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭେସମତୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ଅବସରରେ ଓରମାସ୍‌ର ଡେପୁଟୀ ସିଇଓ ଯୁବରାଜ ସାହୁ ଉପସ୍ଥିତ ରହିଥିଲେ । ସୂଚ଼ନାଯୋଗ୍ୟ ଯେ, ଭେସମତୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ 'ଓରମାସ୍' ଦ୍ୱାରା ପରିଚ଼ାଳିତ 'ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା'ର ଜଣେ ସଫଳ ହିତାଧିକାରୀ । ଏହି ଯୋଜନା ମାଧ୍ୟମରେ ସେ ବୃତ୍ତିଗତ ତାଲିମ ଗ୍ରହଣ କରି ନିଜ ଦକ୍ଷତା ପ୍ରମାଣିତ କରିଥିଲେ । ବର୍ତ୍ତମାନ ସେ ସମ୍ବଲପୁରସ୍ଥିତ ଭାରତୀୟ ପରିଚ଼ାଳନା ପ୍ରତିଷ୍ଠାନରେ କାର୍ଯ୍ୟରତ । ରହି ନିଜ ପରିବାର ତଥା ଅଞ୍ଚଳ ପାଇଁ ଏକ ପ୍ରେରଣା ସାଜିଛନ୍ତି । ରାଷ୍ଟ୍ରପତି ଭବନରେ ସ୍ୱାଧୀନତା ଦିବସ ଭଳି ଏକ ଐତିହାସିକ କାର୍ଯ୍ୟକ୍ରମରେ ତାଙ୍କର ଯୋଗଦାନ ଝାରସୁଗୁଡ଼ା ତଥା ସମଗ୍ର ଓଡ଼ିଶାର ଯୁବପିଢ଼ିଙ୍କୁ ଆଗକୁ ବଢ଼ିବା ପାଇଁ ଅନୁପ୍ରାଣିତ କରିବ ।

## ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ସହ ସମନ୍ୱୟ ବୈଠକ ଅନୁଷ୍ଠିତ




ଝାରସୁଗୁଡ଼ା , ୨୩/୮: ଜିଲ୍ଲାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୦୬-ବ୍ରଜରାଜନଗର ନିର୍ବାଚ଼ନ ମଣ୍ଡଳୀର ନିର୍ବାଚ଼ନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ ଏବଂ ୦୭-ଝାରସୁଗୁଡ଼ା ନିର୍ବାଚ଼ନ ମଣ୍ଡଳୀର ନିର୍ବାଚ଼ନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ସବ୍ୟସାଚ଼ୀ ପଣ୍ଡା ଯୁଗ୍ମ ଭାବେ ଅଧକ୍ଷତା କରିଥିଲେ । ଏଥିସହ ଡେପୁଟି କଲେକ୍ଟର (ନିର୍ବାଚ଼ନ) ଲୋପାମୁଦ୍ରା କାଲୋ ଏବଂ ସହକାରୀ କଲେକ୍ଟର (ନିର୍ବାଚ଼ନ) ଦୁଷ୍ମନ୍ତ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ । ଏହି ବୈଠକରେ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସେମାନଙ୍କ ମଧରେ ବିଜେପିର ଯୁଗ୍ମ ସମ୍ପାଦକ ନଓ୍ୱଲ କୁମାର ଅଗ୍ରୱାଲ, ବିଜେଡି ସାଧାରଣ ସମ୍ପାଦକ ରଘୁନନ୍ଦନ ପାଢ଼ୀ, ସିପିଆଇ(ଏମ୍) ସଭାପତି ଗୌରୀ ଶଙ୍କର ପାତ୍ର, ସିପିଆଇ(ଏମ୍) ଯୁଗ୍ମ ସମ୍ପାଦକ ବାସୁଦେବ ଧୁରୁଆ ଏବଂ ବିଏସପି ସଭାପତି ଲକ୍ଷ୍ମଣ ଉର୍ମା ପ୍ରମୁଖ ସାମିଲ ଥିଲେ । ଆଗାମୀ ନିର୍ବାଚ଼ନ ପ୍ରକ୍ରିୟାକୁ ତ୍ରୁଟିମୁକ୍ତ ଓ ସ୍ୱଚ୍ଛ କରିବା ପାଇଁ ରାଜନୈତିକ ଦଳଗୁଡ଼ିକର ଭୂମିକା ଉପରେ ଏହି ଅବସରରେ ଆଲୋଚ଼ନା କରାଯାଇଥିଲା । ବୈଠକ ଚ଼ାଲିଥିବା ସମୟରେ ଫର୍ମ ୯, ୧୦, ୧୧, ୧୧(ଏ) ଏବଂ ୧୧(ବି) ରେ ଗ୍ରହଣ କରାଯାଇଥିବା ସମସ୍ତ ଦାବି ଓ ଆପତ୍ତିର ବିସ୍ତୃତ ତାଲିକା ପରବର୍ତ୍ତୀ ଯାଞ୍ଚ ତଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପସ୍ଥିତ ଦଳୀୟ ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ଏଥିସହିତ ରାଜନୈତିକ ପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନ ଓ ସନ୍ଦେହର ଉତ୍ତର ନିର୍ବାଚ଼ନ ପଞ୍ଜିକରଣ ଅଧିକାରୀମାନେ ପ୍ରଦାନ କରିଥିଲେ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ତରଫରୁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରାଯାଇଅଛି ।

## ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ




ଝାରସୁଗୁଡ଼ା , ୨୩/୮: ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚ଼ହ୍ୱାଣଙ୍କ ଅଧକ୍ଷତାରେ ଡି.ଏମ୍.ଏଫ୍. ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟବଳୀ ଓ ସରକାରୀ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏଥିସହ ସରକାରୀ ରାଜସ୍ୱ ବୃଦ୍ଧି ଓ ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ରାଜସ୍ୱ, ଅବକାରୀ, ଆର.ଟି.ଓ, ପଞ୍ଜୀକରଣ କାର୍ଯ୍ୟାଳୟ, ଖଣି ଓ ଜଳକର ବାବଦକୁ ଆଦାୟ ହେଉଥିବା ରାଜସ୍ୱର ସ୍ଥିତି ନେଇ ଆଲୋଚ଼ନା କରାଯାଇଥିଲା । ଏହା ବ୍ୟତୀତ କୃଷକ ପଞ୍ଜୀକରଣ, ମ୍ୟୁଟେସନ, ଓଆରଟିପିଏସ ସେବା, ବିଭିନ୍ନ ସାର୍ଟିଫିକେଟ୍ ମାମଲା, ଜବରଦଖଲ ଉଚ୍ଛେଦ ମାମଲା ଏବଂ ପୁରୁଣା ଅଭିଲେଖଗୁଡ଼ିକର ସ୍କାନିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧରେ ଜଙ୍ଗଲ ଜମି ଚ଼ିହ୍ନଟ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ପଟ୍ଟା ପ୍ରଦାନ, ରାଜ୍ୟ ସରକାରଙ୍କ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା ପାଇଁ ଉପଯୁକ୍ତ ଜମି ଚ଼ିହ୍ନଟ ପ୍ରକ୍ରିୟା ଉପରେ ବିଶେଷ ଆଲୋଚ଼ନା ହୋଇଥିଲା । ଏହିସବୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ସମସ୍ତ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗ, ଉପ-ଜିଲ୍ଲାପାଳ ସବ୍ୟସାଚ଼ୀ ପଣ୍ଡାଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦୃଷ୍ଟିବାଧିତ ଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କଲେ ଜିଲ୍ଲାପାଳ



ଝାରସୁଗୁଡା, ୨୩/୮: ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିବା ଏବଂ ସେମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ ଜାରି ରହିଛି । ଏହି କ୍ରମରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଜଣେ ଦୃଷ୍ଟିବାଧିତ ମେଧାବୀ ଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ଉପସ୍ଥିତ ରହିଥିଲେ । ସୂଚ଼ନାଯୋଗ୍ୟ ଯେ, ସରକାରଙ୍କ ଏହି ଯୋଜନା ଅଧୀନରେ ୪୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଦୃଷ୍ଟିବାଧିତ ଥିବା ଯୋଗ୍ୟ ସ୍ନାତକ (ଓ ତଦୂର୍ଦ୍ଧ୍ୱ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଲାପଟପ୍ ଯୋଗାଇ ଦିଆଯାଉଛି । ଜିଲ୍ଲାର ଲଖନପୁର ବ୍ଲକ୍ ଅନ୍ତର୍ଗତ ଠେବ୍ରା ଗ୍ରାମର ଦୃଷ୍ଟିବାଧିତ ଛାତ୍ରୀ ବବିତା ଚୌଧୁରୀଙ୍କୁ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ଲାପଟପ୍ ହସ୍ତାନ୍ତର କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉଚ୍ଚଶିକ୍ଷା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହି ସହାୟତା ଦ୍ୱାରା ସ୍ନାତକ ସ୍ତରରେ ପଢୁଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ, ଗବେଷଣା ଏବଂ ଡିଜିଟାଲ୍ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଅନେକ ସୁବିଧା ପାଇପାରିବେ ।

# ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ମିଳନୀ ଉପଲକ୍ଷେ ରାଜ୍ୟସ୍ତରୀୟ ପ୍ରତିନିଧି ସଭା



ଭୁବନେଶ୍ୱର,୨୩/୮ : ଆଜି ଦେଶର ବୃହତମ କେନ୍ଦ୍ରୀୟ ଶ୍ରମ ସଂଗଠନ ହିନ୍ଦ୍ ମଜଦୁର ସଭାର ଓଡିଶା ରାଜ୍ୟ ପରିଷଦର ରାଜ୍ୟ ସମ୍ମିଳନୀ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଓ ଭାର ଆୟୋଜନ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଓଡିଶା ବ୍ଲାଇଣ୍ଡ ଆସୋସିଏସନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ପ୍ରତିନିଧି ସଭାରେ ହିନ୍ଦ୍ ମଜଦୁର ସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସି.ଏ. ରାଜାଶ୍ରୀଧର ଏବଂ ରାଷ୍ଟ୍ରିୟ ସାଧାରଣ ସମ୍ପାଦକ ହରଭଜନ ସିଂ ସିନ୍ଧୁ ଯୋଗଦାନ କରି ରାଜ୍ୟର ସମସ୍ତ ଜିଲ୍ଲାରୁ ହିନ୍ଦ୍ ମଜଦୁର ସଭାର ସହବନ୍ଧିତ ପ୍ରାୟ ୯୨ଟି ଶ୍ରମିକ ସଂଗଠନର ପ୍ରତିନିଧିମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଟ୍ରେଡ୍ ୟୁନିୟନ୍ ମାନଙ୍କର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଆଗାମୀ ଦିନରେ ଏହି ଆନ୍ଦୋଳନରେ ରୂପରେଖ କିପରି ହେବାକୁ ଯାଉଛି ସେ ସମ୍ପର୍କରେ ଅବଗତ କରାଇ ଏହାକୁ କିଭଳି ହିନ୍ଦ ମଜଦୁର ସଭା ପ୍ରତିହିତ କରିବ ତାର ବିସ୍ତୃତ ଭାବେ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ରାଷ୍ଟ୍ରିୟ ଅଧ୍ୟକ୍ଷ ଓ ସାଧାରଣ ସମ୍ପାଦକଙ୍କୁ ରାମମନ୍ଦିର ଟ୍ରାଫିକ୍ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ସଭାଗୃହ ପର୍ଯ୍ୟନ୍ତ ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ପାଛୋଟି ନେଇଥିଲେ। ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହବନ୍ଧିତ ୟୁନିୟନ ମାନଙ୍କ ପ୍ରତିନିଧିମାନଙ୍କ ସକ୍ରିୟ ଆଲୋଚନାରେ ଭାଗ ନେଇ ରାଜ୍ୟରେ ଏକ ଦୃଢ ନେତୃତ୍ୱର ଆବଶ୍ୟକତା ଉପଲବ୍ଧ କରି ଅତିଶୀଘ୍ର ରାଜ୍ୟ ପରିଷଦ ଗଠନ ଓ ରାଜ୍ୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଦାବୀ ଉପସ୍ଥାପନ କରିଥିଲେ। ସମସ୍ତ ପ୍ରତିନିଧିମାନଙ୍କର ଦାବୀ ଓ ହିନ୍ଦ୍ ମଜଦୁର ସଭାର ହିତକୁ ଦୃଷ୍ଟିରେ ରଖି ରାଷ୍ଟ୍ରିୟ କର୍ମକର୍ତା ରାଜ୍ୟ ପରିଷଦ ଗଠନ ପାଇଁ ମୁକ୍ତ, ସ୍ୱଚ୍ଛ ନିର୍ବାଚନ କରାଯିବା ପାଇଁ ଘୋଷଣା କରିଥିଲେ। ଘୋଷଣା ମୁତାବକ ଆସନ୍ତା ସେପ୍ଟେମ୍ବର ମାସ ୧୩ ତାରିଖ ଦିନ ୨ଜଣ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ହିନ୍ଦ୍ ମଜଦୁର ସଭା ରାଜ୍ୟ ପରିଷଦର କର୍ମକର୍ତା ଚୟନ ଗୁପ୍ତ ନିର୍ବାଚନ ମାଧ୍ୟମରେ କରାଯିବ ବୋଲି ସ୍ଥିର କରାଯାଇଥିଲା। ପରିଶେଷରେ ସମସ୍ତ ପ୍ରତିନିଧି ହସ୍ତ ଉତୋଳନ କରି ଉକ୍ତ ପ୍ରସ୍ତାବକୁ ସମର୍ଥନ ସୂଚକ ସମ୍ମତି ଜଣାଇଥିଲେ ଏବଂ ଏହାର ଏକ ଦସ୍ତାବିଜ ରାଷ୍ଟ୍ରିୟ ସାଧାରଣ ସମ୍ପାଦକଙ୍କୁ ହସ୍ତାନ୍ତର କରିଥିଲେ।

# ସିବିଏସ୍ଇ ପରିଚାଳିତ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ଆଞ୍ଚଳିକ କର୍ମଶାଳା



ଭୁବନେଶ୍ୱର,୨୩/୮ :ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ୍, ଭୁବନେଶ୍ୱର ସେଣ୍ଟର ଅଫ ଏକ୍ସଲେନ୍ସ ଆନୁକୂଲ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ-୮ ପରିସରରେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଷୟବସ୍ତୁକୁ ନେଇ ଏକ ଦିନିକିଆ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗରୁ ପ୍ରାୟ ୨୮୦ ଜଣ ଶିକ୍ଷାବିତ୍ ଓ ବିଶେଷଜ୍ଞ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଆସୁଥିବା ବୈପ୍ଳବିକ ପରିବର୍ତ୍ତନ ଉପରେ ଚିନ୍ତନ, ମନ୍ଥନ ଏବଂ ଆଲୋଚନା କରିଥିଲେ। ଶ୍ରେଣୀଗୃହ ଶିକ୍ଷାଦାନକୁ, ଶିକ୍ଷା ନୀତି ୨୦୨୦ ଏବଂ ଏନ୍ସିଏଫ୍-ଏସ୍ଇ ୨୦୨୩ର ଆଭିମୁଖ୍ୟ ସହ ସଂଲଗ୍ନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଉଦ୍‌ଘାଟନୀ ଅଭିଭାଷଣରେ ବିଦ୍ୟାଳୟରେ ଅଧ୍ୟକ୍ଷା ଶ୍ରୀମତୀ ଇପ୍ସିତା ଦାସ ବଦଳୁଥିବା ଡିଜିଟାଲ୍ ଯୁଗ ସହ ନିଜକୁ ନିରନ୍ତର ଅପଡେଟ୍ କରିବାକୁ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସିବିଏସ୍ଇର ସିଓଇର ମୁଖ୍ୟ ଏବଂ ଯୁଗ୍ମ ସଚିବ ଶ୍ରୀ ଟି ମାଟେ କମ୍ପ୍ୟୁଟେସନାଲ୍ ଥିଙ୍କିଂ ଓ କୃତ୍ରିମ ବୁଦ୍ଧିମତ୍ତାକୁ ଶ୍ରେଣୀଗୃହ ଶିକ୍ଷାଦାନରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସିବିଏସ୍ଇ ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଲଳିତ କୁମାର କପିଲ ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାଭିତ୍ତିକ ବିଶ୍ୱ ପାଇଁ ପ୍ରସ୍ତୁତ କରିବାକୁ ହେଲେ ଶିକ୍ଷକମାନଙ୍କୁ ଭବିଷ୍ୟତ ଉପଯୋଗୀ ଦକ୍ଷତାରେ ସମୃଦ୍ଧ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। କର୍ମଶାଳାରେ ଆଇ.ଆଇ.ଆଇ.ଟି. ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଆଶିଷ ଘୋଷ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ନୂଆଦିଲ୍ଲୀସ୍ଥିତ ମହାରାଜା ଅଗ୍ରସେନ୍ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପ୍ରତିଭା କୋହଲି ଏବଂ ଡେଲୋଏଟ୍‌ର ପାର୍ଟନର ଡ. କମଲେଶ ବ୍ୟାସ ଶିକ୍ଷାଦାନରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାବହାରିକ ପ୍ରସଙ୍ଗ ଓ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ୟାନେଲ୍ ଆଲୋଚନାରେ ପଶ୍ଚିମବଙ୍ଗରୁ ଶ୍ରୀମତୀ ସୁତାପା ରାହା ଦାସ ଓ ଶ୍ରୀ ଦେବରାଜ ରାୟ ଏବଂ ଓଡ଼ିଶାରୁ ଶ୍ରୀମତୀ ପଲ୍ଲବୀ ମହାପାତ୍ର ଓ ସର୍ବେଶ୍ୱର ସାମଲ ଯୋଗ ଦେଇ ଆଧୁନିକ ଶିକ୍ଷାରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାର ସୁଯୋଗ, ଆହ୍ୱାନ ଏବଂ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଓଡ଼ିଶାର ଟି.ଇ ଏବଂ ଏସ୍.ଇ.ଆର.ଟିର ନିର୍ଦ୍ଦେଶିକା ଶ୍ରୀମତୀ ମଧୁସ୍ମିତା ସାହୁ ଏବଂ ତାଙ୍କ ଟିମ୍‌ର ନିରନ୍ତର ସହଯୋଗ ପାଇଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୨୬-୨୭ ଶିକ୍ଷାବର୍ଷରୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ସି.ବି.ଏସ୍.ଇ ପାଠ୍ୟକ୍ରମରେ କମ୍ପ୍ୟୁଟେସନାଲ୍ ଭାବନା ଏବଂ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରାଯାଇଛି। ଏହି କର୍ମଶାଳା ଶିକ୍ଷାବିତ୍‌ମାନଙ୍କୁ ଏହି ନୂତନ ବିଷୟବସ୍ତୁ ସହିତ ପରିଚିତ କରାଇବା ସହ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଗାମୀ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କୁ କିପରି ଗଢ଼ି ତୋଳାଯାଇପାରିବ, ସେ ନେଇ ଚିନ୍ତାଧାରାର ବିନିମୟ ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ଏହି କର୍ମଶାଳାଟିକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇଶା ଇପ୍ସିତା ଶତପଥି ସଂଚାଳନା କରିଥିବାବେଳେ ପ୍ୟାନେଲ ଆଲୋଚନାକୁ ଶିକ୍ଷକ ଶ୍ରୀ ସତ୍ୟବ୍ରତ ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

# ଚିନ୍ତା ଓ ଚେତନାର ୪୯ତମ ବାର୍ଷିକ ମହୋତ୍ସବ ୨୫ରୁ, ବନ୍ୟାପ୍ରଭାବିତଙ୍କ ସହାୟତା ପାଇଁ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩/୮ : ପ୍ରତିଷ୍ଠିତ ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ 'ଚିନ୍ତା ଓ ଚେତନା'ର ୪୯ତମ ବାର୍ଷିକ ମହୋତ୍ସବ ଆସନ୍ତା ଅଗଷ୍ଟ ୨୫ରୁ ୨୭ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ମହାସଚିବ ସୁରେନ୍ଦ୍ର ଦାସ ସୂଚନା ଦେଇଥିଲେ।




ସେ କହିଥିଲେ ଯେ, ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୭୮ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡିଶା ସମେତ ଦେଶ ଓ ବିଦେଶରେ ଏକ ସୁପରିଚିତ ସାଂସ୍କୃତିକ ସଂଗଠନ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଦୀର୍ଘ ଯାତ୍ରାରେ ବିଶିଷ୍ଟ ବ୍ୟକ୍ତିତ୍ୱ ଓ କଳାକାରମାନେ ଜଡିତ ରହିଛନ୍ତି।

ଚଳିତ ବର୍ଷର ମହୋତ୍ସବର ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଚିନ୍ତା ଓ ଚେତନା' ପକ୍ଷରୁ ସହାୟତା ଓ ପୁନର୍ବାସ କାର୍ଯ୍ୟ ଜାରି ରହିଛି। ଏହି ମହୋତ୍ସବ ଅବସରରେ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

ତିନି ଦିନିଆ ଏହି ମହୋତ୍ସବରେ ଭାରତବର୍ଷର ବିଶିଷ୍ଟ ଶାସ୍ତ୍ରୀୟ କଳାକାରଙ୍କ ସହ ଓଡିଶୀ ନୃତ୍ୟ ଓ ସଙ୍ଗୀତର ପ୍ରସିଦ୍ଧ କଳାକାରମାନେ ଅଂଶଗ୍ରହଣ କରିବେ। ଓଡିଶାର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, ସଙ୍ଗୀତଜ୍ଞ ଓ ବାଦ୍ୟଶିଳ୍ପୀମାନେ ମଧ୍ୟ ନିଜର କଳା ପ୍ରଦର୍ଶନ କରିବେ।ଚିନ୍ତା ଓ ଚେତନାର ୪୯ତମ ବାର୍ଷିକ ମହୋତ୍ସବ ୨୫ରୁ, ବନ୍ୟାପ୍ରଭାବିତଙ୍କ ସହାୟତା ପାଇଁ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର, ଅଗଷ୍ଟ ୨୨: ପ୍ରତିଷ୍ଠିତ ସାହିତ୍ୟ, ସଂସ୍କୃତି ଓ ସମାଜସେବା ଅନୁଷ୍ଠାନ 'ଚିନ୍ତା ଓ ଚେତନା'ର ୪୯ତମ ବାର୍ଷିକ ମହୋତ୍ସବ ଆସନ୍ତା ଅଗଷ୍ଟ ୨୫ରୁ ୨୭ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନ ପକ୍ଷରୁ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ମହାସଚିବ ସୁରେନ୍ଦ୍ର ଦାସ ସୂଚନା ଦେଇଥିଲେ।ସେ କହିଥିଲେ ଯେ, ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୭୮ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଓଡିଶା ସମେତ ଦେଶ ଓ ବିଦେଶରେ ଏକ ସୁପରିଚିତ ସାଂସ୍କୃତିକ ସଂଗଠନ ଭାବେ ଖ୍ୟାତି ଅର୍ଜନ କରିଛି। ଏହାର ଦୀର୍ଘ ଯାତ୍ରାରେ ବିଶିଷ୍ଟ ବ୍ୟକ୍ତିତ୍ୱ ଓ କଳାକାରମାନେ ଜଡିତ ରହିଛନ୍ତି।

ଚଳିତ ବର୍ଷର ମହୋତ୍ସବର ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଚିନ୍ତା ଓ ଚେତନା' ପକ୍ଷରୁ ସହାୟତା ଓ ପୁନର୍ବାସ କାର୍ଯ୍ୟ ଜାରି ରହିଛି। ଏହି ମହୋତ୍ସବ ଅବସରରେ ବନ୍ୟା ଦୁର୍ଗତଙ୍କ ସହାୟତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

ତିନି ଦିନିଆ ଏହି ମହୋତ୍ସବରେ ଭାରତବର୍ଷର ବିଶିଷ୍ଟ ଶାସ୍ତ୍ରୀୟ କଳାକାରଙ୍କ ସହ ଓଡିଶୀ ନୃତ୍ୟ ଓ ସଙ୍ଗୀତର ପ୍ରସିଦ୍ଧ କଳାକାରମାନେ ଅଂଶଗ୍ରହଣ କରିବେ। ଓଡିଶାର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, ସଙ୍ଗୀତଜ୍ଞ ଓ ବାଦ୍ୟଶିଳ୍ପୀମାନେ ମଧ୍ୟ ନିଜର କଳା ପ୍ରଦର୍ଶନ କରିବେ।

ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଅନ୍ତର୍ଜାତୀୟ ସମାଜସେବୀ, ବରିଷ୍ଠ ସେନା ଅଧିକାରୀ, ସାହିତ୍ୟିକ ଓ କଳାକାରମାନଙ୍କୁ ସମ୍ମାନିତ କରାଯିବ। ବିଭିନ୍ନ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ ବୋଲି ଆୟୋଜକମାନେ କହିଛନ୍ତି।

# ଏନ୍.ଟି.ପି.ସି. କଣିହାଁ ତାପଜ ବିଦ୍ୟୁତ କେନ୍ଦ୍ରରେ ବିସ୍ଫୋରଣ ଘଟି ୫ ଜଣ ଠିକା ଶ୍ରମିକ ଜୀବନ ସହିତ ବଞ୍ଚିବା ପାଇଁ ଲଢୁଛନ୍ତି

ଭୁବନେଶ୍ୱର,୨୩/୮ : ମଧ୍ୟରାତ୍ରରେ ଏନ୍.ଟି.ପି.ସି କନିଆଁର ଷ୍ଟେଜ୍-୧, ୧ ନମ୍ବର ବଏଲରର କୋଇଲା ବଙ୍କରରେ ସାଙ୍ଘାତିକ ବିସ୍ଫୋରଣ ଘଟି ୫ ଜଣ ଠିକା ଶ୍ରମିକ ଗୁରୁତ୍ୱର ଭାବେ ପୋଡିଯାଇ ବଞ୍ଚିବା ସହିତ ସଂଗ୍ରାମ କରୁଛନ୍ତି। ଅତ୍ୟଧିକ ପୋଡିଯାଇଥିବା ୨ ଜଣ ଶ୍ରମିକଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ଅଲଟିମେଟ୍ ଡାକ୍ତରଖାନାକୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏପର୍ଯ୍ୟନ୍ତ କୌଣସି ତାପଜ ବିଦ୍ୟୁତ କେନ୍ଦ୍ରରେ ବଙ୍କରରେ ଏଭଳି ବିସ୍ଫୋରଣ ହୋଇନଥିଲା। ନିଶ୍ଚିତ ଭାବେ ଏହା ସୁରକ୍ଷା ଅବହେଳାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ତରଫରୁ ତୁରନ୍ତ ଏକ ଅଭିଜ୍ଞତା ସଂପନ୍ନ ବ୍ୟକ୍ତିମାନଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଦରକାର ପଡିଲେ ଏଥିରେ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ଆମେ ଦାବୀ କରୁଛୁ। କାରଣ ନିରପକ୍ଷ ତଦନ୍ତ ଦ୍ୱାରା ପ୍ରକୃତ ତଥ୍ୟ ଆଗକୁ ଆସିଲେ ଏହା ଆଗାମୀ ଦିନରେ ଦେଶର ସମସ୍ତ କାର୍ଯ୍ୟରତ ତାପଜ ବିଦ୍ୟୁତ କେନ୍ଦ୍ରର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସତର୍କ କରାଇବ। ଏହା ସହିତ ରାଜ୍ୟ କାରଖାନା ଓ ବଏଲର ନିର୍ଦ୍ଦେଶକଙ୍କୁ ଅନୁରୋଧ କରୁଛୁ ସାରା ଓଡ଼ିଶାରେ ପ୍ରତିଷ୍ଠିତ ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ରରେ ଫ୍ୟାକ୍ଟ୍ରି ଆକ୍ଟ ଅନୁସାରେ ସୁରକ୍ଷା ଜନିତ ଅବହେଳାକୁ ତର୍ଜମା କରି ନିୟମ ଅନୁଯାୟୀ ପଦକ୍ଷେପ ନେଲେ ଆଗାମୀ ଦିନରେ ଦୁର୍ଘଟଣାକୁ ଅପସାରଣ କରାଯାଇପାରିବ।

# ଯାଜପୁରରେ ବନ୍ୟା ସ୍ଥିତି: ବରୀରେ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ପଟ୍ ଇନ୍‌କ୍ୱାରୀ, ମୃତକଙ୍କ ପରିବାରକୁ ରେଡକ୍ରସ୍ ସହାୟତା



ଯାଜପୁର, ୨୩/୮ : ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ବ୍ୟାପକ ବନ୍ୟା ପରିସ୍ଥିତି ଉପୁଜିଛି। ଦଶରଥପୁର ବ୍ଲକ୍‌ର ତରପଦା ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମ ନିକଟରେ ଏବଂ ବିଞ୍ଝାରପୁର ବ୍ଲକ୍‌ର ଜରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଉବାଙ୍କ ଗ୍ରାମ ନିକଟରେ ନଦୀବନ୍ଧରେ ଦୁଇଟି ପୃଥକ ଘାଇ ସୃଷ୍ଟି ହେବାରୁ ବନ୍ୟାଜଳ ବ୍ୟାପକ ଅଞ୍ଚଳକୁ ପ୍ଲାବିତ କରିଛି।

ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍‌ର ୧୨୩ଟି ଗ୍ରାମପଞ୍ଚାୟତ ଓ ୪୦୫ଟି ଗାଁର ମୋଟ ୪,୩୪,୬୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୯୯,୭୫୭ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ଯୋଗୁଁ ୧୯,୧୧୨ ହେକ୍ଟର ଚାଷଜମି ଏବଂ ୧,୫୮,୭୭୭ଟି ପଶୁସମ୍ପଦ ପ୍ରଭାବିତ ହୋଇଛି।

ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି।

ବରୀ ବ୍ଲକ୍ ଅନ୍ତର୍ଗତ ଚିନ୍ତସାହି ଗ୍ରାମର ୬୫ ବର୍ଷୀୟ ହୃଷୀକେଶ ମଲ୍ଲିକ, ପିତା-ଭାଜି ମଲ୍ଲିକଙ୍କ ମୃତ୍ୟୁ ଘଟଣାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ ସ୍ପଟ୍ ଇନ୍‌କ୍ୱାରୀ କରିଛନ୍ତି। ସେ ମୃତକଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିବା ସହ ବରୀ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପତ୍ନୀଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ପଶୁସମ୍ପଦର ସୁରକ୍ଷା ପାଇଁ ପ୍ରଭାବିତ ଅଞ୍ଚଳରେ ୧୨ଟି ଭେଟେରିନାରୀ ଟିମ୍ ମୁତୟନ କରାଯାଇଛି। ବଡ଼ଚଣା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ସଂକ୍ରାମକ ରୋଗରୁ ପଶୁସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ୧,୨୩୪ଟି ପଶୁଙ୍କୁ ଟିକାକରଣ କରାଯାଇଛି। ଯାଜପୁର ଜିଲ୍ଲାର ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିପନ୍ନ ପ୍ରାଣୀପାଳକମାନଙ୍କୁ ଗୋ-ଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲାରେ ମୋଟ ୩୪୪.୪୯ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟର ଆବଶ୍ୟକତା ନେଇ ଏସ୍‌ଆର୍‌ସିଙ୍କୁ ଅନୁରୋଧ କରାଯାଇଛି।

ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୩ଟି ଡଙ୍ଗଜଇର, ୨ଟି ଘଉଜର, ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ ଟିମ୍ ସହ ୧୪ଟି ଡଙ୍ଗା ନିୟୋଜିତ ଅଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି।

ବନ୍ୟା ପ୍ରଭାବିତଙ୍କ ପାଇଁ ୩୬୩ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ମାଧ୍ୟମରେ ୧,୩୧,୩୪୨ ଜଣଙ୍କୁ ଆହାର ଯୋଗାଇ ଦିଆଯାଉଛି। ଏହାଛଡ଼ା ୧,୦୬୬ କ୍ୱିଣ୍ଟାଲ ଚୁଡ଼ା, ୧୦୫.୧ କ୍ୱିଣ୍ଟାଲ ଗୁଡ଼ ଏବଂ ୭୫୪ ରୋଲ୍ ପଲିଥିନ୍ ବଣ୍ଟନ କରାଯାଇଛି।

ସ୍ୱାସ୍ଥ୍ୟସେବାକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ୧୨ଟି ମେଡିକାଲ ଟିମ୍ ମାଧ୍ୟମରେ ଏପର୍ଯ୍ୟନ୍ତ ୭,୨୦୦ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ବେଳେ ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପାନୀୟ ଜଳ ଉତ୍ସର ବିଶୋଧନ, ସ୍ୱାସ୍ଥ୍ୟସେବା ଏବଂ ଜଳବନ୍ଦୀ ଅଞ୍ଚଳରେ ଆବଶ୍ୟକ ସହାୟତା ଯୋଗାଣ କାର୍ଯ୍ୟ ଜାରି ରହିଛି।

ଏଥିସହିତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଏବଂ ଗମନାଗମନ ବ୍ୟବସ୍ଥାକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷା, ରିଲିଫ୍, ସ୍ୱାସ୍ଥ୍ୟସେବା ଓ ପଶୁସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati